visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.251, Bhubaneswar Sunday, November 17, 2019 | ୨୨ତମ ବର୍ଷ ସଂଖ୍ୟା–୨୫୧ ଭୁବନେଶ୍ୱର ରବିବାର, ନଭେମ୍ବର ୧୭, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹.50 (Air Surcharge - 0.50P) Member-INS







ହୋଟେଲ କେଶରୀ ଠାରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସହାସଂଘ, ଓଡିଶା ପତ୍ରକାର ସଂଘ ଏବଂ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

## ରାଜଧାନୀରେ ଜାତୀୟ ପ୍ରେସ ଦିବସ ପାଳିତ

ଭୁବନେଶ୍ୱର, ୧୬/୧୧(ପିଏନ)– ଆଜି ଅପରାହ୍ନରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ମହାସଂଘ, ଓଡିଶା ପତ୍ରକାର ସଂଘ ଏବଂ ରାଷ୍ଟ୍ରୀୟ ପତ୍ରକାର ମହାସଂଘ, ନୁଆଦିଲ୍ଲୀ ର ମିଳିତ ସହଯୋଗରେ ଜାତୀୟ ପ୍ରେସ ଦିବସ କେଶରୀ ହୋଟେଲ ସମ୍ମିଳନୀ କକ୍ଷରେ ପାଳିତ ହୋଇଅଛି । ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରାକ୍ତନ ମନ୍ତ୍ରୀ ଓ ବିଧାୟକ ଶଶୀଭୂଷଣ ବେହେରା ସାମ୍ବାଦିକମାନଙ୍କ ସୁରକ୍ଷା ଓ ନିରାପତ୍ତା ଶୀର୍ଷକ ଆଲୋଚନା ଚକ୍ରରେ ନିଜ ବକ୍ତବ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପ୍ରଶାସନ ତରଫରୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ ବୋଲି କହିଥିଲେ । କଣ୍ଟାବାଂଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜ୍ୟ ଗୃହନିର୍ମାଣ ନିଗମ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଭି. ରାଜେନ୍ଦ୍ର ରାଜୁ, ଲୋକ ସଂପର୍କ ଅଧିକାରୀ , ପ୍ରମୁଖ ଅତିଥିମାନେ ସାଂପ୍ରତିକ ସାମ୍ବାଦିକମାନଙ୍କ ସ୍ଥିତି ଓ ଅବସ୍ଥା ଉପରେ ଆଲୋକପାତକରି



ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ରାଷ୍ଟ୍ରୀୟ ପତ୍ରକାର ମହାସଂଘର ପ୍ରମୁଖ ପ୍ରତିଷ୍ଠାତା ଡଃ ପବିତ୍ରମୋହନ ସାମନ୍ତରାୟ ନିଜ ବକ୍ତବ୍ୟରେ ସାମ୍ବାଦିକମାନଙ୍କ ଏକତା ଓ କଲ୍ୟାଣ ନିମନ୍ତେ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଥିଲେ । ଓଡିଶା ପତ୍ରକାର ସଂଘର ସାଧାରଣ ସଂପାଦକ ଅବିନାଶ ମିଶ୍ର ମିଳିତଭାବେ ସବୁ ସାମ୍ବାଦିକ ବଂଧୁମାନେ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ ବୋଲି ଆହ୍ୱାନ ଜଣାଇଥିଲେ । ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସାଧାରଣ ସଂପାଦକ ରଜନୀକାନ୍ତ ସାମନ୍ତରାୟ ସଂଘର ଆଗାମୀ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇ ସବୁ ସଂଘ ଏକାଠି ହୋଇ ରାଜ୍ୟରେ ବଢିଚାଲିଥିବା ସାମ୍ବାଦିକ ସଂଖ୍ୟା ଓ ମାନକୁ ନିୟନ୍ତ୍ରଣ କରାଯିବା ଦରକାର ବୋଲି ପ୍ରସ୍ତାବ ରଖିଥିଲେ । ସଂଘର ସଭାପତି ସରୋଜରଂଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ନିର୍ବାଚନ ଅଧିକାରୀ ନୃପ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଶେଷରେ ଷ୍ଟୋରିବୁକ ରିଡରସ କ୍ଲବ ତରଫରୁ ତିନି ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ମାନୀତ କରାଯାଇଅଛି । ରାଜ୍ୟର ସବୁ ଜିଲ୍ଲାର ପ୍ରତିନିଧିମାନେ ଉପସ୍ଥିତ ରହି ସାମ୍ବାଦିକମାନଙ୍କ ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ । ନିତ୍ୟ ନିରଂଜନ ପଣ୍ଡା, ଅମୂଲ୍ୟ ମହାନ୍ତି, ଅଧୀର କୁମାର ନନ୍ଦ,ପ୍ରତାପ ଚନ୍ଦ୍ର ପଟ୍ଟନାୟକ ରଜନୀକାନ୍ତ ମିଶ୍ର, ରାଧାରମଣ ଗୋସ୍ୱାମୀ ସମେତ ସଂଘର କର୍ମକର୍ତ୍ତାବୃନ୍ଦ ଜାତୀୟପ୍ରେସ ଦିବସର ସଭା ପରିଚାଳନା କରିଥିଲେ ।

## ଗାନ୍ଧୀଜୀଙ୍କ ସମ୍ପର୍କିତ ପୁସ୍ତିକାରେ ଭୁଲ ତଥ୍ୟ ଅନିଚ୍ଛାକୃତ : ମନ୍ତ୍ରୀ

ଭୁବନେଶ୍ୱର, ୧୬/୧୧(ପିଏନ)– ଗାନ୍ଧୀଜୀଙ୍କ ସମ୍ବନ୍ଧରେ ଆମ ବାପୁଜୀ : ଏକ ଝଲକ ନାମକ ପୁସ୍ତିକାରେ ଦିଲ୍ଲୀର ବିରଳା ଭବନ ଠାରେ ଏକ ଆକସ୍ମିକ ଘଟଣା କ୍ରମେ ଗାନ୍ଧୀଜୀଙ୍କ ଅକାଳ ବିୟୋଗ ଘଟିଥିଲା ବୋଲି ଯାହା ପ୍ରକାଶ ପାଇଛି ତାହା ଦ୍ୱାରା ଅନିଚ୍ଛାକୃତ ତ୍ରୁଟି ବୋଲି ରଖିବାକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ବିବୃତିରେ କହିଛନ୍ତି । ପ୍ରଶ୍ନୋତର କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ପୁସ୍ତିକାରେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ବିବାଦୀୟ ତଥ୍ୟ ପ୍ରକାଶିତ ହେବା ସମ୍ପର୍କରେ ଗୃହରେ ବିବୃତି ରଖିବାକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶଙ୍କୁ ଡାକିଥିଲେ ।

ଶ୍ରୀ ଦାଶ କହିଥିଲେ ଯେ ସରକାରଙ୍କର ପିଲା ମାନଙ୍କୁ କୌଣସି ଭୁଲ ତଥ୍ୟ ଦେବା କିମ୍ବା ବିଭ୍ରାନ୍ତ କରିବା କିମ୍ବା ଘଟଣା ଚକ୍ରକୁ ପରିବର୍ତନ କରିବାର କୌଣସି ଉଦ୍ଦେଶ୍ୟ ନ ଥିଲା ।

ସେ କହିଥିଲେ ଯେ ଗୃହର ଉଦବେଗକୁ ସମ୍ମାନ ଜଣାଇ ଉକ୍ତ ପତ୍ରିକାକୁ ସରକାର ପ୍ରତ୍ୟାହାର କରି ସାରିଛନ୍ତି । ଏହି ଘଟଣା ପାଇଁ ସଂପୃକ୍ତ କର୍ମଚାରୀଙ୍କୁ ସେବା ନିବୃତ କରିବା ସଙ୍ଗେ ସଙ୍ଗେ ଦୁଇ ଜଣ ଅଧିକାରୀଙ୍କୁ କୈଫିୟତ ତଲବ କରା ଯାଇଛି । ସେ କହିଛନ୍ତି ଯେ ପ୍ରତ୍ୟାହାର ହୋଇଥିବା ପତ୍ରିକାକୁ ଆବଶ୍ୟକୀୟ ସଂଶୋଧନ କରା ଯାଇ ପୁନଃ ମୁଦ୍ରଣ ପତ୍ରିକା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକ ମାସ ମଧ୍ୟରେ ବଂଟା ଯିବ ।

ମନ୍ତ୍ରୀଙ୍କ ବିବୃତି ପରେ ଶୂନ୍ୟକାଳରେ ବିଧାୟକ ନରସିଂହ ମିଶ୍ର କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ପାଇଁ କମିଟିର ଅଧ୍ୟକ୍ଷ ହେଉଛନ୍ତି ନିଜେ ମୁଖ୍ୟମନ୍ତ୍ରୀ । ତାଙ୍କର ବିନା ଅନୁମତିରେ ଏପରି ଭୁଲ ତଥ୍ୟ ସମ୍ବଳିତ ପୁସ୍ତିକା ବିତରଣ କିପରି ହୋଇ ପାରିବ । ଏଥି ନିମନ୍ତେ ଦାୟୀ କିଏ ରହିବ ବୋଲି ସେ ପ୍ରଶ୍ନ କରିଥିଲେ ।

ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ମନ୍ତ୍ରୀଙ୍କର ବିବୃତି ପରେ ଏ ନେଇ ଆଲୋଚନା କରାଯିବା ବିଧିବ୍ୟବସ୍ଥାରେ ନାହିଁ । ତେଣୁ ତାଙ୍କର ଯଦି ଆଉ କୌଣସି ପ୍ରସଙ୍ଗ ଅଛି ତେବେ ତାକୁ ସେ ଉଠାଇ ପାରନ୍ତି । ଏହାର ଉତରରେ ଶ୍ରୀ ମିଶ୍ର କହିଥିଲେ ଯେ ସେ ମନ୍ତ୍ରୀଙ୍କ ବିବୃତି ଉପରେ ଆଲୋଚନା କରୁ ନାହାନ୍ତି ବରଂ ସେ କେବଳ ମନ୍ତ୍ରୀଙ୍କ ବିବୃତିକୁ ଉଦ୍ଧୃତ କରୁଛନ୍ତି । କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ତର୍କ ବିତର୍କ ହୋଇଥିବାର ଦେଖିବାକୁ ମିଳିଥିଲା ।

## ବିରୋଧୀ ବିଜେପି ବିଧାୟକଙ୍କ ଅନୁପସ୍ଥିତିରେ ଚାଲିଲା ବିଧାନସଭା

- କକ୍ଷତ୍ୟାଗ କରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତି ତଳେ ଧାରଣା ଦେଲେ ବିଜେପି ବିଧାୟକ
- ସ୍ମିତାରାଣୀ ହତ୍ୟା ମାମଲାରେ କହିବାକୁ ଅନୁମତି ଦେଉ ନ ଥିବା ଅଭିଯୋଗ

ଭୁବନେଶ୍ୱର, ୧୬/୧୧(ପିଏନ)– ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନର ଚତୁର୍ଥ ଦିବସରେ ମଧ୍ୟ ଗତ କାଲି ଭଳି ବିରୋଧୀ ବିଜେପିର ବିଧାୟକ ମାନଙ୍କର ଅନୁପସ୍ଥିତିରେ ଗୃହ କାର୍ଯ୍ୟ ସ୍ୱାଭବିକ ଭାବେ ଚାଲିଥିଲା ବୈଠକ ଆରମ୍ଭରୁ ବିଜେପି ବିଧାୟକ ମାନେ କଳା ପଟି ମୁହଁରେ ବାନ୍ଧି କିଛି ସମୟ ନିଜ ନିଜ ଆସନରେ ଠିଆ ହେବା ଓ ବାଚସ୍ପତି ତାଙ୍କୁ ବସିବା ପାଇଁ ଅନୁରୋଧ କରିବା ପରେ ବାଚସ୍ପତି ତାଙ୍କୁ ସ୍ମିତାରାଣୀ ମାମଲାରେ କିଛି କହିବାକୁ ଅନୁମତି ଦେଉ ନଥିବା ଅଭିଯୋଗ କରି କକ୍ଷତ୍ୟାଗ କରିବା ସହ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତି ତଳେ ବସିଥିବାର ଦେଖିବାକୁ ମିଳିଥିଲା । ଅନ୍ୟ ପକ୍ଷରେ ବିଜେପି ବିଧାୟକ ମାନଙ୍କର କକ୍ଷତ୍ୟାଗ ପରେ ଗୃହ କାର୍ଯ୍ୟ ସ୍ୱାଭବିକ ଭାବେ ଚାଲିଥିଲା । ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିଥିବା ବେଳେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ପୁସ୍ତିକାରେ ତାଙ୍କର ମୃତ୍ୟୁକୁ ନେଇ ବିବାଦୀୟ ତଥ୍ୟ ସମ୍ପର୍କରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ବିବୃତି ରଖିଥିଲେ। ଏହା ସହ ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ଶନିବାର ଦିନ ନିର୍ଧାରିତ ସମୟ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଶ୍ନୋତର କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କର ପ୍ରଶ୍ନର ଉତର ଦେବା ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଡାକିଥିଲେ । ଅନ୍ୟ ପକ୍ଷରେ ବିଜେପି ବିଧାୟକ ମାନେ ଶୁକ୍ରବାର ପରି ମୁହଁରେ କଳାପଟି ପିନ୍ଧି ନିଜ ନିଜ ଆସନରେ ଠିଆ ହୋଇଥିଲେ । ବାଚସ୍ପତି ଶ୍ରୀ ପାତ୍ର ବିଜେପି ଦଳର ବିଧାୟକ ମାନଙ୍କୁ ସେମାନଙ୍କ ଆସନରେ ବସି ଗୃହ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ମାତ୍ର ବିଜେପି ବିଧାୟକ ମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡି ନ ଥିଲା ଓ ସେମାନେ ନିଜ ନିଜ ଆସନରେ ଠିଆ ହୋଇ ରହିଥିଲେ । କିଛି ସମୟ ପରେ ପୁଣି ଥରେ ବାଚସ୍ପତି ଶ୍ରୀ ପାତ୍ର ବିଜେପି ବିଧାୟକଙ୍କୁ ନିଜ ଆସନରେ ବସିବାକୁ ଅନୁରୋଧ କରିଥିଲେ । ବିଜେପି ବିଧାୟକ ଦଳର ଉପ ନେତା ବିଷ୍ଣୁ ସେଠୀ ବାଚସ୍ପତିଙ୍କୁ କହିଥିଲେ ଯେ ଗତକାଲି ତାଙ୍କର ଅନୁରୋଧ କ୍ରମେ ବିଜେପି ବିଧାୟକ ମାନେ ଆସନରେ ବସିଥିଲେ । ମାତ୍ର ଏହା ସତ୍ତ୍ୱେ ବିଜେପି ବିଧାୟକ ମାନଙ୍କୁ ସ୍ମିତାରାଣୀ ହତ୍ୟା ମାମଲାରେ କହିବାକୁ ଅନୁମତି ଦିଆ ଯାଇ ନ ଥିଲା । ତେଣୁ ବିଜେପି ବିଧାୟକ ମାନେ ଏହାର ପ୍ରତିବାଦ କରୁଛନ୍ତି । ଏବେ ମଧ୍ୟ ବିଜେପି ବିଧାୟକ ମାନଙ୍କୁ ସ୍ମିତାରାଣୀ ହତ୍ୟା ମାମଲାରେ କିଛି କହିବାକୁ ଦିଆ ଯାଉ ନାହିଁ । ତେଣୁ ଏହାର ପ୍ରତିବାଦରେ ବିଜେପି ବିଧାୟକ ମାନେ କକ୍ଷ ତ୍ୟାଗ କରି ଗାନ୍ଧୀଜୀଙ୍କ ମୂର୍ତି ସମ୍ମୁଖରେ ଧାରଣା ଦେବେ । ଏହା କହିବା ପରେ ବିଜେପି ବିଧାୟକ ମାନେ କକ୍ଷତ୍ୟାଗ କରିଥିଲେ । ବିଜେପି ବିଧାୟକଙ୍କ କକ୍ଷତ୍ୟାଗ କରିବା ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ସୁରୁଖୁରରେ ଚାଲିଥିଲା ।

## ସତ୍ୟଶୀଳ, ନିରପେକ୍ଷ ଓ ପ୍ରତିବ ଗଣମାଧମ ହିଁ ଆମ ଗଣତନ୍ତ୍ରକୁ ଦୃଢ଼ କରିଛି : ରଘୁନନ୍ଦନ

**ଭୁବନେଶ୍ୱର, ୧୬/୧୧(ପିଏନ)–** ଏକ ବଳିଷ୍ଠ ଓ ଶକ୍ତିଶାଳୀ ଗଣମାଧ୍ୟମ ସମାଜକୁ ବିକାଶ ପଥରେ ଆଗେଇ ନେଇଥାଏ । ସତ୍ୟଶୀଳ, ନିରପେକ୍ଷ ଓ ପ୍ରତିବ ଗଣମାଧ୍ୟମ ହିଁ ଆମ ଗଣତନ୍ତ୍ରକୁ ଦୃଢ଼ କରିଛି । ଗୋଟିଏ ଦାୟିତ୍ୱବାନ ଗଣମାଧ୍ୟମ ସର୍ବଦା ଜନମତକୁ ଜାଗ୍ରତ କରିବା ସହିତ ଦେଶର ବିକାଶ ଯାତ୍ରାକୁ ପ୍ରୋତ୍ସାହିତ କରିଥାଏ ବୋଲି ସୂଚନା ଓ ଲୋକସଂପର୍କ, ଜଳସଂପଦ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ମତବ୍ୟକ୍ତ କରିଛନ୍ତି ।

ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ସମ୍ବାଦକୁ ଶୀଘ୍ର ପ୍ରକାଶ କରିବା ଉଦ୍ଦେଶ୍ୟରେ ଭ୍ରମାତ୍ମକ ଓ ଉପଯୁକ୍ତ ତର୍ଜମାବିହୀନ ସମ୍ବାଦ ପରିବେଷଣ କରିବା ବାଞ୍ଛନୀୟ ନୁହେଁ । ତଥ୍ୟଭିତିକ ସମ୍ବାଦ ପ୍ରକାଶନ ନାଗରିକ ଆଦୃତି ଓ ଜନମତ ଜାଗୃତିରେ ସହାୟକ ହେବା ସହିତ ପ୍ରଶାସନ ତଥା ବ୍ୟବସ୍ଥାକୁ ମଧ ଦିଗ୍‌ଦର୍ଶନ ଦେଇଥାଏ । ଗଣମାଧ୍ୟମ ତାଦର ଗୁରୁଦାୟତ୍ୱ ଯଥାର୍ଥ ଭାବରେ ପାଳନ କଲେ ସତ୍ୟ ଜାଣିବା ପାଇଁ ଲୋକଙ୍କ ପାଖରେ ବିଭିନ୍ନ ପଥ ପରିଷ୍କାର ହୋଇଯିବ ବୋଲି ଶ୍ରୀ ଦାସ ଉଲ୍ଲେଖ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସାମ୍ବାଦିକତା ବୃତି ପ୍ରତି ତାଙ୍କର ଅନୁରାଗ ଓ ଅଭିଜ୍ଞତାର ଉଲ୍ଲେଖ କରିବା ସହିତ କହିଥିଲେ ଯେ ଗଣମାଧ୍ୟମ ଆମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହୋଇଥିବାବେଳେ ଅନ୍ୟ ତିନି ସ୍ତମ୍ଭର କାର୍ଯ୍ୟକଳାପ ନେଇ ଲକ୍ଷ୍ମଣରେଖା ରହିଛି, କିନ୍ତୁ ଗଣମାଧ୍ୟମ ପାଇଁ ଥିବା ଲକ୍ଷ୍ମଣରେଖା ସଂପର୍କରେ କେଉଁଠାରେ ଉଲ୍ଲେଖ ନାହିଁ । କାରଣ ଗଣମାଧ୍ୟମ ହିଁ ସେହି ଲକ୍ଷ୍ମଣରେଖା ନି ାରିତ କରିପାରିବ । ପାରମ୍ପରିକ ସାମ୍ବାଦିକତା ପରେ ଏବେ ସବୁ ନାଗରିକ ଜଣେ ସାମ୍ବାଦିକରେ ପରିଣତ ହୋଇଛନ୍ତି । ସାମାଜିକ ଗଣମାଧ୍ୟମର ବିପୁଳ ପ୍ରସାର ହେତୁ ସତ୍ୟକୁ ସାମ୍ନାକୁ ଆଣିବାରେ କୌଣସି ଅସୁବିଧା ନାହିଁ ବୋଲି ଦର୍ଶାଇ ଶ୍ରୀ ସିଂ ରାଜ୍ୟରେ ୫ ‘ଟିଦ ଆଧାରରେ ଗଣମାଧ୍ୟମ ନିମନ୍ତେ ମଧ ତାଙ୍କ ବିଭାଗ ପ୍ରାଥମିକତା ଦେଇଛି ବୋଲି କହିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଛପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ବିଷୟଗୁଡ଼ିକୁ ନେଇ ଏକ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ପରିକଳ୍ପନା ରହିଛି ବୋଲି ଶ୍ରୀ ସିଂ ସୂଚନା ଦେଇଥିଲେ ।

ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀ ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ ଯେ ଗଣମାଧ୍ୟମର ସ୍ୱର ଚିପିଦେଲେ ଗଣତନ୍ତ୍ର ସ୍ଥାନରେ ଏକଛତ୍ରବାଦ ସୃଷ୍ଟି ହୁଏ । ତେଣୁ ଗଣମାଧ୍ୟମର ଅପବ୍ୟବହାର ଉଚିତ ନୁହେଁ । ଅନୁରୂପ ଭାବରେ ଗଣମାଧ୍ୟମରେ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା, ଅସତ୍ୟ ଓ କାଳ୍ପନିକ ଖବର ପ୍ରସାରଣ ତଥା ସାମାଜିକ ନ୍ୟାୟ ବିରୋଧୀ ଆଭିମୁଖ୍ୟ ଗଣତନ୍ତ୍ର ଓ ସୁସ୍ଥ ସମାଜ ପ୍ରତି ଶୁଭଙ୍କର ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସରକାରଙ୍କ ବିଭିନ୍ନ ଆଭିମୁଖ୍ୟ ଓ ଜନାଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା ସହିତ ଗଣତନ୍ତ୍ରର ମୂଲ୍ୟବୋଧକୁ ସଂପ୍ରସାରିତ କରିବା ଗଣମାଧ୍ୟମର ପ୍ରମୁଖ ଆଭିମୁଖ୍ୟ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଜାତୀୟ ପ୍ରେସ ଦିବସର ପ୍ରମୁଖ ପ୍ରସଙ୍ଗ ‘ସମ୍ବାଦ ପରିବେଷଣ–ବ୍ୟାଖ୍ୟାନ: ଏକ ଅଭିଯାନଦ ଉପରେ ପୂର୍ବରୁ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ଇଂରାଜୀ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନପୂର୍ବକ ଜାତୀୟ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ଓ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।

ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁଭାଷ ସୂପକାର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବାଦପତ୍ର ପ୍ରଦର୍ଶନୀ ଜାତୀୟ ପ୍ରେସ ଦିବସ ଅବସରରେ ଜୟଦେବ ଭବନରେ ଏକ ସମ୍ବାଦପତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି । ପୂର୍ବାହ୍ନରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ ।କମିଶନର ତଥା ଶାସନ ସଚିବ ଶ୍ରୀ ସିଂ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୂପକାର, ଉପନିର୍ଦ୍ଦେଶକ ଶ୍ରୀ ବରଦା ପ୍ରସନ୍ନ ଦାସ ତଥା ବିଭାଗର ଅନ୍ୟ ପଦାଧିକାରୀମାନଙ୍କ ସହିତ ବହୁ ଛାତ୍ରଛାତ୍ରୀ ଓ ନାଗରିକ ଏହା ପରିଦର୍ଶନ କରିଥିଲେ । ଏହି ପ୍ରଦର୍ଶନୀରେ ରାଜ୍ୟର ଗଣମାଧ୍ୟମ ଇତିହାସର ଝଲକ ଦେଖିବାକୁ ମିଳିଛି । ‘ଉତ୍କଳ ଦୀପିକାଦଠାରୁ ଆରମ୍ଭ କରି ବ ମାନ ରାଜ୍ୟରେ ପ୍ରକାଶିତ ବିଭିନ୍ନ ଦୈନିକ, ପାକ୍ଷିକ, ସାପ୍ତାହିକ ସମ୍ବାଦପତ୍ର ଏବଂ ବିଭିନ୍ନ ପତ୍ରପତ୍ରିକା ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛନ୍ତି ।

## ଇଚ୍ଛାଶକ୍ତି ବଳରେ ଓଡିଶାର ହଜାର ବର୍ଷ ପୂର୍ବର ସମ୍ପନ୍ନତାକୁ ଫେରାଇ ଅଣିବାର କ୍ଷମତା ରଖିଛି ଯୁବିପିଢି : ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬/୧୧(ପିଏନ)–ଓଡିଆ ଯୁବକମାନେ ଯେବେ ନିଜ ଇଚ୍ଛା ଅନୁସାରେ ରାଜ୍ୟରେ ସମ୍ପନ୍ନତା ଆଣିବାର ନିଷ୍ପତି ନେବେ ତଥା ନିଜେ ମାଲିକ ହେବାର ପ୍ରତିଜ୍ଞା କରିବେ ସେବେ ପୁନର୍ବାର ଓଡିଶାର ୧ ହଜାର ବର୍ଷ ପୂର୍ବର ସମ୍ପନ୍ନତାକୁ ଫେରାଇ ଅଣାଯାଇପାରିବ ବୋଲି ଶନିବାର ଭୁବନେଶ୍ୱର ସ୍ଥିତ ନୀଳାଚଳ ପଲିଟେକନିକର ୨୩ତମ ପ୍ରତିଷ୍ଠା ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନ୍ୟ ରାଜ୍ୟର ଲୋକମାନେ ଓଡିଶାର ସମ୍ପନ୍ନତା ଆଣିପାରିବେ ନାହିଁ । ବିଶେଷ ଭାବରେ ଯୁବପିଢିଙ୍କୁ ଓଡିଶାର ସମ୍ପନ୍ନତା ଆଣିବାକୁ ଉଦ୍ୟମ କରିବା ପାଇଁ ପଡିବ । ନୀଳାଚଳ ପଲିଟେକନିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଓଡିଶାକୁ ସମ୍ପନ୍ନତା ଆଣିବାରେ ଆଗରେ ରହିବେ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ରୋଜଗାର, ପାଠପଢା ବ୍ୟତିତ ଏ ଗୌରବଶାଳୀ ରାଜ୍ୟ ଓଡିଶାକୁ ଆଗକୁ ନେବାର ଆବଶ୍ୟକତା ରହିଛି । ସେହିପରି ଓଡିଶାରେ ବିଗତ ଦୁଇ ଦଶନ୍ଧି ଧରି ନୀଳାଚଳ ପଲିଟେକନିକ ଏକ ଶିକ୍ଷା ଅନୁଷ୍ଠାନ ଭାବେ ଲକ୍ଷ ଲକ୍ଷ ପିଲାଙ୍କୁ ବୈଷୟିକ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଆସୁଛି । ରାଜ୍ୟ ତଥା ଦେଶକୁ ଗଢି ତୋଳିବାରେ ଏହି ଶିକ୍ଷାନୁଷ୍ଠାନର ଯୋଗଦାନ ଅତୁଳନୀୟ । ଏହି ଶିକ୍ଷାନୁଷ୍ଠାନ ଦୁନିଆକୁ ପରିବର୍ତନର କ୍ଷମତା ରଖିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଶହୀଦ ବାଜି ରାଉତ ହଜାର ହଜାର ଲୋକଙ୍କ ଜୀବନକୁ ରକ୍ଷା କରିବାକୁ ଯାଇ ଇଂରେଜ ମାନଙ୍କ ଠାରୁ ଗୁଳି ଖାଇଥିଲା । ସେହିପରି ଧର୍ମପଦ ୧୨ଶହ କାରିଗରଙ୍କ ଜୀବନ ବଂଚାଇ ସମୁଦ୍ରରେ ମୁଣ୍ଡି ମାରିଥିଲା । ଯେଉଁ ରାଜ୍ୟରେ ଏଭଳି ସାହସୀ ପିଲା ଥିଲେ, ସେହି ମର୍ମରେ ଏକବିଂଶ ଶତାବ୍ଦିରେ ପୃଥିବୀରେ ଯେଉଁ ନୂଆ ଅର୍ଥନୈତିକ ଢାଂଚା ହେବ, ତାର କେନ୍ଦ୍ରବିନ୍ଦୁ ନୀଳାଚଳ ପଲିଟେକନିକ୍ ହେବ ବୋଲି ସେ କହିଛନ୍ତି ।

ସେହିପରି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ନିଜ ନିଷ୍ପତିର ମାଲିକ ନିଜେ ହେବା ଉଚିତ୍ । ନିଜର ଇଚ୍ଛା ଅନୁଯାଇ କ୍ୟାରିୟର କରିବା ଦରକାର । କେବଳ ସାର୍ଟିଫିକେଟ୍ ପାଇଁ ପାଠ ନପଢି ରୁଚି ଓ ଇଚ୍ଛା ଅନୁଯାୟୀ ବିଦ୍ୟା ଅଧ୍ୟୟନ କରିବା ଦରକାର । ଦାରିଦ୍ର୍ୟତାରୁ ମୁକ୍ତି ପାଇଁ ବିଦ୍ୟା ଅଧ୍ୟୟନ କରିବା ଦରକାର । ଏହାର ଉଦାହରଣ ଦେବାକୁ ଯାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱର୍ଗତ ଏପିଜେ ଅବ୍ଦୁଲ କଲାମ କେବଳ କାର୍ଯ୍ୟ ପାଇଁ ନୁହେଁ ନିଜ ଇଚ୍ଛା ଓ ରଚି ପାଇଁ ଭାରତକୁ ଗୌରବାନ୍ୱିତ କରି ପାରିଥିଲେ । ତାଙ୍କର ଇଚ୍ଛା ହେବାର ଦୂରଦୃଷ୍ଟି ତାଙ୍କର ରାଷ୍ଟ୍ରପତି ପଦକୁ ଅଧିକ ମର୍ଯ୍ୟାଦା ପ୍ରଦାନ କରିଥିଲା । ଏହି ପରିପ୍ରେକ୍ଷୀରେ ସମାଜର ନୂଆପିଢି ଯେବେ ତାର ସ୍ୱାଭିମାନକୁ ଆଧାର କରିବ ତଥା ଲକ୍ଷ୍ୟ ପାଇଁ ଦୃଷ୍ଟି ରଖିବ ତେବେ ଯାଇ ତାର ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ସେ କହିଛନ୍ତି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ପୁରାଣ କାହାଣୀ

# ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା’ ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

# ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା



ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଉଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜ୍ୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ‘ପଦ୍ମାବତୀ’ରେ ଐଶ୍ୱର୍ଯ୍ୟା



ନିର୍ଦ୍ଦେଶକ ସୟ ଲୀଲା ଭଂସାଲୀ ଏବେ ତାଙ୍କର ଆଗାମୀ ଫିଲ୍ମ ‘ପଦ୍ମାବତୀ’ର ସୁଟିଂ ଆରମ୍ଭ କରିଦେଇଛନ୍ତି। ଯେଉଁଥିରେ ମୁଖ୍ୟ ଭୂମିକାରେ ରହିଛନ୍ତି ଦୀପିକା ପାଦୁକୋନ, ରଣବୀର ସିଂହ ଓ ଶାହିଦ କପୁର। କିନ୍ତୁ ଲାଗୁଛି ଏତିକିରେ ବୋଧେ ମନଭରି ନାହିଁ ସୟଙ୍କର। ସେ ଫିଲ୍ମରେ ଆଉ କିଛି ତଡକା ଦେବା ପାଇଁ ଚାହୁଁଛନ୍ତି। ସେଥିପାଇଁ ତ ଐଶ୍ୱର୍ଯ୍ୟାଙ୍କୁ ଫିଲ୍ମରେ ନେଇଛନ୍ତି। ଶୁଣିବାକୁ ମିଳୁଛି ଭଂସାଲୀ ଫିଲ୍ମଟିକୁ ଆଉ ଟିକେ ମସାଲାଦାର କରିବା ପାଇଁ ଐଶ୍ୱର୍ଯ୍ୟାଙ୍କୁ ସାଇନ କରିଛନ୍ତି। ତେବେ ଐଶ୍ ଏଥିରେ ମୁଖ୍ୟ ଭୂମିକାରେ ନୁହେଁ ବରଂ ଅତିଥି ଭୂମିକାରେ ଆସିବେ। ଫିଲ୍ମରେ ତାଙ୍କର କେବଳ ଗୋଟିଏ ଗୀତ ରହିବ। ଆଉ ସେଥିପାଇଁ ସେ ଖୁବ୍ ଶୀଘ୍ର ସୁଟିଂ ମଧ୍ୟ ଆରମ୍ଭ କରିବେ। ତେବେ ଏହାପୂର୍ବରୁ ମଧ୍ୟ ଐଶ୍ ସୟଙ୍କ ସହ ଫିଲ୍ମ ‘ଦେବଦାସ’ ଓ ‘ଗୁଜାରିସ୍’ କରିସାରିଛନ୍ତି। ଦୁଇଟିଯାକ ଖୁବ୍ ସଫଳତା ମଧ୍ୟ ପାଇପାରିଛି। ଏବେ ଅପେକ୍ଷା କେବଳ ପଦ୍ମାବତୀର ରିଲିଜକୁ।

## ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ। ହିଲ୍‌ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି। ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି। ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି। ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ଭୋୟଲା ଫେଶନ୍ ଜୁଏଲାରୀ ଷ୍ଟୋର୍ ଭୁବନେଶ୍ୱରରେ ଖୋଲିଲା



ଭୁବନେଶ୍ୱର: ଭାରତର ବୃହତମ ଫେଶନ ଜୁଏଲାରୀ ବ୍ରାଣ୍ଡ୍ ଭୋୟଲା ପକ୍ଷରୁ ଏହାର ଷ୍ଟୋର ଭୁବନେଶ୍ୱରର ଏସ୍ପ୍ଲାନେଡ ମଲ୍‌ରେ ଉଦ୍‌ଘାଟିତ ହୋଇଛି । ଏହି ଷ୍ଟୋର ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ କାରବାର ଜାରି ରଖିବ । ଏଥିପାଇଁ ଗ୍ରାହକଙ୍କୁ ଭୋୟଲା ଆପ୍‌ର ସହାୟତା ନେବାକୁ ପଡ଼ିବ । ଭାରତରେ କମ୍ପାନୀର ୧୬୦ରୁ ଅଧିକ ଷ୍ଟୋର ରହିଛି ।
ଭୁବନେଶ୍ୱରରେ ଖୋଲିଥିବା ଏହି ଷ୍ଟୋରରେ ଲାଟେଷ୍ଟ କଲେକସନ୍ ମଧ୍ୟରେ ଇଣ୍ଡିଗୋ ଆଫେୟାର ଏବଂ ଗ୍ଲାଲିୟର ଅଳଙ୍କାର ଆଦି ରହିଛି ।
ଏହାର ଉଦ୍‌ଘାଟନ ମିସ୍ ଇଣ୍ଡିଆ ଏସିଆ ଇଟଂରନ୍ୟାସନାଲ୍ ସୁଶ୍ରୀ ଦୀପାଲି ଫଡ଼ନୀସ୍‌ଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏହି ଷ୍ଟୋର ଓଡ଼ିଶାର ସଂସ୍କୃତି ତଥା ପରମ୍ପରାକୁ ଋଦ୍ଧିମନ୍ତ କରିବ ବୋଲି ସେ କହିଛନ୍ତି । ଇତିମଧ୍ୟରେ ଫେଶନରେ ବହୁ ପରିବର୍ତନ ଆସିଛି ଏହାକୁ ଦୃଷ୍ଟିରେ ରଖି ଷ୍ଟୋରରେ ଅନେକ ଆଧୁନିକ ଫେଶନ ଅଳଙ୍କାର ମହଜୁଦ୍ ରହିଛି ।
ଏହି ଅବସରରେ ଭୋୟଲାର ସିଇଓ ବିଶ୍ୱାସ ଶ୍ରୀରଙ୍ଗି କହିଲେ, ଆମେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ଶ୍ରେଣୀ ସହରରେ ଥିବା ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଷ୍ଟୋର ସମ୍ପ୍ରସାରଣ କାର୍ଯ୍ୟ ଜାରି ରଖିଛୁ । ଏହି ଷ୍ଟୋରରେ ବିବାହ ଉପଯୋଗୀ ଅଳଙ୍କାର ସହିତ ଦୈନନ୍ଦିନ ଜୀବନରେ ପିନ୍ଧାଯାଉଥିବା ବହୁ ଅଳଙ୍କାର ଗଚ୍ଛିତ ରହିଛି ।
ଏହି ଅବସରରେ ଭୋୟଲାର ବ୍ରାଣ୍ଡ୍ ଡାଇରେକ୍ଟର ଅଭିଷେକ ତିୱାରୀ କହିଲେ, ଏହି ଷ୍ଟୋରରେ ରହିଥିବା କଲେକସନ୍ ସାମ୍ପ୍ରତିକ ପାରମ୍ପରିକ ଅନୁସାରେ ନିର୍ମିତ ହୋଇଛି । ଏଠାରେ ୩୦ ବର୍ଷ ବୟସ୍କ ମହିଳାଙ୍କ ସମେତ ସମସ୍ତ ବର୍ଗର ମହିଳାଙ୍କ ଉପଯୋଗୀ ଅଳଙ୍କାର ମହଜୁଦ୍ ରହିଛି । ଏଠାରେ ମହଜୁଦ୍ ଥିବା ଅଳଙ୍କାର ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବାକୁ ସକ୍ଷମ ହେବ ।
ସୂଚନାଯୋଗ୍ୟ, ଭୋୟଲା ୨୦୧୨ରୁ କାରବାର ଆରମ୍ଭ କରିଥିବାବେଳେ ଭାରତରେ କମ୍ପାନୀର ସମ୍ପ୍ରତି ୨୫୦ରୁ ଅଧିକ ଷ୍ଟୋର ରହିଛି । ପ୍ରତି ମାସରେ କମ୍ପାନୀ ଅନ୍‌ଲାଇନ୍‌ରେ ୧.୫ ନିୟୁତ ଟଙ୍କାର କାରବାର କରିଥାଏ । କମ୍ପାନୀର କର୍ମଚାରୀ ସଂଖ୍ୟା ୮୦୦ରୁ ଅଧିକ ରହିଛନ୍ତି । ଏଠାରେ ୧୫୦ରୁ ଅଧିକ କାରିଗର କାମ କରୁଛନ୍ତି । ବାର୍ଷିକ କମ୍ପାନୀ ୧୦୦କୋଟିରୁ ଅଧିକ ଟଙ୍କାର କାରବାର କରିଥାଏ ।

# ୟୁନିଅନ୍ ଆସେଟ୍ ମ୍ୟାନେଜମେଂଟ୍ କଂପାନି ପ୍ରାଇଭେଟ୍ ଲିମିଟେଡ୍ (ୟୁନିଅନ୍ ଏଏମସି) ତରଫରୁ ୟୁନିଅନ୍ ଲାର୍ଜ ଆଣ୍ଡମିଡ୍‌କ୍ୟାପ୍ ଫଣ୍ଡର ଉନ୍ମୋଚନ

ଭୁବନେଶ୍ୱର: ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଜାପାନର ଡାଇ-ଇଚି ଲାଇଫ୍ ହୋଲ୍‌ଡିଂସ୍‌ର ସହଯୋଗୀ ସଂସ୍ଥା ୟୁନିଅନ୍ ଆସେଟ୍ ମ୍ୟାନେଜମେଂଟ୍ କଂପାନି ତରଫରୁ ୟୁନିଅନ୍ ଲାର୍ଜ ଆଣ୍ଡ୍ ମିଡ୍ କ୍ୟାପ୍ ଫଣ୍ଡ୍‌ର ଉନ୍ମୋଚନ ବିଷୟରେ ଘୋଷଣା କରାଯାଇଛି ।ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯେଉଁଥିରେ ଉଭୟ ଲାର୍ଜକ୍ୟାପ୍ ଓ ମିଡ୍ କ୍ୟାପ୍ ଷ୍ଟକ୍ ରେ ନିବେଶ କରାଯାଇଥାଏ ।
ନୂଆ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ) ୨୦୧୯ ନଭେମ୍ବର ୧୫ରୁ ଉନ୍ମୁକ୍ତ ହୋଇଛି ଯାହା ୨୯ ନଭେମ୍ବର ୨୦୧୯ରେ ବନ୍ଦ ହେବ । ୨୦୧୯ ଡିସେମ୍ବର ୬ରେ ଆବଂଟନ କରାଯିବା ଏବଂ ଏହା ପୁଣି ଥରେ ବିକ୍ରି ପାଇଁ ଓ ପୁନଃ କିଣିବା ଲାଗି ୨୦୧୯ ଡିସେମ୍ବର ୧୩ରେ ଉପଲବ୍ଧ ହେବ ।ଏହି ସ୍କିମ୍‌କୁ ଏସ୍‌ଆଣ୍ଡ୍‌ପିବିଏସଇ ୨୫୦ ଲାର୍ଜ ମିଡ କ୍ୟାପ ଇଣ୍ଡେକ୍ସ (ଟିଆରଆଇ)ରେ ବେଂଚମାର୍କ କରାଯାଇଛି ଏବଂ ଏହାକୁ ପରିଚାଳନା କରିବେ ବିନୟ ପାହାଡ଼ିଆ, ଚିଫ ଇନଭେଷ୍ଟମେଂଟ ଅଫିସର, ୟୁନିଅନ ଏଏମସି । ଏଥିପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ନିବେଶରାଶ ହେଉଛି ୫୦୦୦ ଟଙ୍କା ଏବଂ ତା’ ପରେ ୧ ଟଙ୍କାର ଗୁଣିତକ ହିସାବରେ । ଏହି ସ୍କିମ୍‌ରେ ମୁଖ୍ୟତଃ ଲାର୍ଜ ଓ ମିଡକ୍ୟାପ କଂପାନି ଗୁଡ଼ିକର ଇକ୍ୱିଟି ଓ ଇକ୍ୱିଟି ସଂପର୍କିତ ଉପକରଣରେ ନିବେଶ କରାଯିବ ।ସକ୍ରିୟ ପରିଚାଳନା ରଣନୀତି ସହିତ ଚତୁର ଆବଂଟନ ଜରିଆରେ ଏହିସ୍କିମ୍‌କୁ ପରିଚାଳନା କରାଯିବ ।
ଶ୍ରୀଯୁକ୍ତଜି ପ୍ରଦୀପ କୁମାର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ), ୟୁନିଅନ ଆସେଟ ମ୍ୟାନେଜମେଂଟ କଂପାନି ପ୍ରାଇଭେଟ ଲିମିଟେଡ କହିଛନ୍ତି ଯେ, “ଆମର ବିଶ୍ୱାସ ରହିଛି ଯେ ଭାରତୀୟ ଇକ୍ୱିଟି ବଜାରର ମୂଲ୍ୟାୟନ ଏବେ ଯୁକ୍ତିଯୁକ୍ତ ରହିଛି । ୨୦୨୫ ସୁଦ୍ଧା ଭାରତକୁ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଭାରତ ସରକାରଙ୍କ ତରଫରୁ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପ ବିଶେଷକରି ଇକ୍ୱିଟି ବଜାରକୁ ବଢ଼ାଇବାରେ ସହାୟକ ହୋଇଛି । ବିଭିନ୍ନ ପ୍ରକାର ନିବେଶ ଆବଶ୍ୟକତା ଲାଗି ନିବେଶକ ଙ୍କ ନିମନ୍ତେ ୱାନ୍ ଷ୍ଟପ୍ ସପ୍ ହେବା କୁ ଲକ୍ଷ୍ୟ ରଖିଥିବା ୟୁନିଅନ୍ ଏଏମସିର ଦୀର୍ଘ ମିଆଦୀ ଯୋଜନା ସହିତ ଏହା ବେଶ ଖାପଖାଉଛି । ଆମ ଗବେଷଣାରୁ ଆମେ ଜାଣିପାରିଛୁ ଯେ ମୋଟ ଘରୋଇ ଉତ୍ପାଦରେ ହେଉଥିବା ଅଭିବୃଦ୍ଧିର ଅନ୍ୟତମ ସବୁଠୁ ବଡ଼ଲାଭ ପାଇ ବେବ୍ଲୁଚିପ ଓ ଇମର୍ଜିଂ ବ୍ଲୁଚିପ୍ କଂପାନି । ତେଣୁ, ଏଭଳି ଏକ ନିବେଶ ରଣନୀତିର ଅଂଶ ହେବା ପାଇଁ ନିବେଶକ ଙ୍କ ପାଖରେ କାରଣ ରହିଛି ।’’

# OFFICE OF THE NOTIFIED AREA COUNCIL:DASPALLA

**At/Po-Daspalla, Dist-Nayagarh,**
**Ph.06757220005, e-Mail:nacdaspalla@gmail.com**

**Letter No.3871** **Date.16.11.2019**

## *Expression of Interest*

The Executive Officer, NAC, Daspalla on behalf of the office of the NAC, council, Daspalla invites sealed Expression on interest from reputed software farm with proven track record and at least 8 years of experience in the relevant field of survey work in different scheme under Govt. & Non Govt.Organization for create a website for Daspalla NAC.

| Sl. No | Description of Work | Period of Completion |
|---|---|---|
| 1 | Daspalla NAC complete website with all related data of Daspalla NAC Area updating & Managing data up to date of Daspalla NAC with mentioning this facilities.<br>1. Provided Web-space<br>2. Provided free services (Maintenance &Support)<br>3. Provided ".com or .in" name. | 1Month<br>(30 Days) |

The total charge for making of website should mention inside the quotation inclusive of all taxes. The receipt of the EOI (Expression of Interest) schedule shall start from Dt.18.11.2019 and close on 26.11.2019 at 9.00 AM. The EOI shall be received in the office of the "Executive Officer, NAC, Daspalla" addressed to "Executive Officer, NAC, Daspalla" on or before dt.26.11.2019 at 9:00 AM. The Authority will not be held responsible for delay, if any, in delivery of the documents and non-receipt of the same in time. The sealed EOI will be opened on dt.27.11.2019 at 11:00AM. In the office of the Executive Officer, NAC, Daspalla in presence of the parties or their authorized representatives, who any be present at the time of opening of the EOI.

The authority reserves the right to reject any or all the quotations without assigning any reason thereof.

**Sd/-**
**Executive Officer**
**NAC, Daspalla**

# ହୋମିଓପାଥି ଦ୍ୱାରା ଆପଣଙ୍କ ପିଲାକୁ ସୁରକ୍ଷିତ ରଖନ୍ତୁ

ଭୁବନେଶ୍ୱର: ଏକାକୀ ଆମେରିକାରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ହୋମିଓପାଥି ବ୍ୟବହାର କରନ୍ତି । ଭାରତରେ ୧୦ କୋଟିରୁ ଅଧିକ ଲୋକ ହୋମିଓପାଥି ମାଧ୍ୟମରେ ଚିକିତ୍ସିତ ହୋଇଛନ୍ତି, ଯେଉଁଥିରେ ରହିଛନ୍ତି ଅଧିକ ସଂଖ୍ୟକ ମହିଳା ଓ ପିଲାମାନେ । କାରଣ ଏହା ପିଲାମାନଙ୍କଠାରେ ଦେଖାଯାଉଥିବା ଇନ୍‌ଫାଣ୍ଟାଇଲ୍ କୋଲିକ୍, ସହଜ ଦନ୍ତ ଯନ୍ତ୍, ଡେଣ୍ଟିସନ୍ ଡାଏରିଆ, ଶ୍ୱାସ ରଖି ଉଚ୍ଚାରଣ କରିବା ଓ ଅନ୍ୟାନ୍ୟ ସମସ୍ୟା ନିମନ୍ତେ ଏକ ଅନୁମୋଦିତ ସମାଧାନ ଅଟେ । ଏହା ରୋଗ ପ୍ରତିରୋଧକ ଶକ୍ତି ଗଠନ କରିଥାଏ । ତେଣୁ ପିଲାଦିନୁ ଏହାକୁ ଆରମ୍ଭ କରିବା ହୋମିଓପାଥି ଗ୍ରହଣ କରିବାର ଉତ୍କୃଷ୍ଟ ସମୟ ଅଟେ । ଗତ ୩୦ ବର୍ଷରୁ ଅଧିକ ସମୟ ଧରି ଡା ବାତ୍ରା ୧୫ ଲକ୍ଷ ରୋଗୀଙ୍କୁ ଭଲ କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪୦,୦୦୦ ରୋଗୀ ୧୨ ବର୍ଷରୁ କମ୍ ବୟସର ଅଟନ୍ତି । ସେମାନଙ୍କ ମଧ୍ୟରୁ ହୋମିଓପାଥି ଚିକିତ୍ସା ମାଧ୍ୟମରେ ୯୩% ରୋଗୀ କେଶ, ଚର୍ମ, ଶ୍ୱାସକ୍ରିୟା, ଆଲର୍ଜି, ନିମ୍ନ ପ୍ରତିରୋଧକ ଶକ୍ତି, ଆସ୍ଥମା ଓ ଆହୁରି ଅନେକ ସମସ୍ୟାରୁ ଉତ୍ତମ ଫଳାଫଳ ପାଇଛନ୍ତି ।
ପିଲାମାନଙ୍କର ଚିକିତ୍ସା ପାଇଁ ହୋମିଓପାଥିର କାର୍ଯ୍ୟଦକ୍ଷତା ବିଷୟରେ ଡା. ମୁକେଶ ବାତ୍ରା, ପଦ୍ମଶ୍ରୀ ଗ୍ରହିତା ଓ ପ୍ରତିଷ୍ଠାତା, ଡା ବାତ୍ରାଜ୍ ଗ୍ରୃପ୍ ଅଫ୍ କମ୍ପାନୀଜ୍ ପ୍ରକାଶ କରିଛନ୍ତି, “ପିଲାମାନେ ଆମକୁ ‘କ୍ୟାଣ୍ଡି ଡାକ୍ତର’ କୁହନ୍ତି, କାରଣ ମିଠା ଗୁଳି ଦ୍ୱାରା ପିଲାଦିନେ ସେମାନଙ୍କର ଅନେକ ଚିକିତ୍ସା କରାଯାଇଥାଏ । ଭାରତରେ ଅଧିକାଂଶ ପିଲାଙ୍କୁ ପ୍ରତିରୋଧକ ଶକ୍ତିର ଅଭାବରୁ ରୋଗ ହେଉଛି । ହୋମିଓପାଥି ମୂଳ ସ୍ତରରୁ ଚିକିତ୍ସା କରିଥାଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ ଗଠନ କରିଥାଏ ।”
ଶିଶୁ ଦିବସ ପାଳନ କରିବା ପାଇଁ ଡା. ବାତ୍ରାଜ୍ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରୁଛି । ଏହି ସେବା ଗୁଡ଼ିକୁ ଉପଲବ୍ଧ କରିବା ପାଇଁ ଆପଣଙ୍କର ନୀକଟତର ଡା. ବାତ୍ରାଜ୍ କ୍ଲିନିକ୍‌କୁ ଯାଆନ୍ତୁ କିମ୍ବା ଆଜି ହିଁ ୯୧୬୭୭୯୧୬୭୭ କୁ ଯୋଗାଯୋଗ କରନ୍ତୁ । ଏହି ଅଫର୍ କେବଳ ୩୦ ନଭେମ୍ବର ୨୦୧୯ ପର୍ଯ୍ୟନ୍ତ ଉପଲବ୍ଧ ।

# ଭାରତରେ ପିସିପିଆଇଆର ରିଜ୍ୟୁଭିନେସନ ଅଧ୍ୟୟନର ଶୁଭାରମ୍ଭ

ଭୁବନେଶ୍ୱର: ଭାରତୀୟ ରସାୟନ ଏବଂ ପେଟ୍ରୋକେମିକାଲ ଉଦ୍ୟୋଗ କ୍ଷେତ୍ରରେ ଦ୍ରୁତତମ ଅଭିବୃଦ୍ଧି ପ୍ରୟାସ ନିମନ୍ତେ ଭାରତୀୟ ବାଣିଜ୍ୟ ଏବଂ ଉଦ୍ୟୋଗ ମହାସଂଘ (ଫିକି) ପକ୍ଷରୁ ଭାରତ ସରକାରଙ୍କର ରସାୟନ ଏବଂ ଉର୍ବରତା ମନ୍ତ୍ରଣାଳୟ ସହିତ ମିଳିତ ଭାବେ ଚଳିତ ବର୍ଷ ଗ୍ଲୋବାଲ କେମିକାଲ ଆଣ୍ଡ ପେଟ୍ରୋକେମିକାଲ ଉତ୍ପାଦନ ସ୍ଥଳ ଭାବେ ଭାରତ ଉପରେ ଆଧାରିତ ଏହି ସମ୍ମଳନୀରେ ପିସିପିଆଇଆର ରିଜ୍ୟୁଭିନେସନ ଅଧ୍ୟୟନର ଶୁଭାରମ୍ଭ କରାଯାଇଛି । ଫିକି ଏବଂ ଏହାର ସହଯୋଗୀ ମୋଟ ମ୍ୟାକଡୋନାଲ୍ଡ ପକ୍ଷରୁ କରାଯାଇଥିବା ଏହି ପିସିପିଆଇଆର ରିଜ୍ୟୁଭିନେସନ ଅଧ୍ୟୟନ ବିଶେଷତଃ ପେଟ୍ରୋଲିୟମ, ରସାୟନ ଏବଂ ପେଟ୍ରୋକେମିକାଲ ନିବେଶ ଅଞ୍ଚଳ ଗୁଡ଼ିକର(ପିସିପିଆଇଆର) କ୍ରମିକ ବିକାଶ ଉପରେ ଗୁରୁତ୍ୱ ଆରୋପ କରୁଛି । ଏହାର ବର୍ତ୍ତମାନର ଦୃଶ୍ୟଲେଖ ଏବଂ ସରକାରଙ୍କର ଯୋଜନା ପିସିପିଆଇଆରଏସ ରେ ନିବେଶକୁ ପ୍ରୋତ୍ସାହିତ କରିବା ଉପରେ ପର୍ଯ୍ୟବେଶିତ । ପ୍ରକାଶ ଥାଉ ଯେ ରସାୟନ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ଷଷ୍ଠ ବୃହତ ଦେଶ ହୋଇଥିବାବେଳେ ବିଶ୍ୱ ରସାୟନ ଉଦ୍ୟୋଗ ଗୁଡ଼ିକୁ ଏହା ୩.୪% ଯୋଗାଇଦେଉଛି । ବିଗତ କିଛି ଦଶନ୍ଧି ଠାରୁ ଭାରତର ରସାୟନ ବଜାରରେ ୩% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି ।‌ଅନ୍ୟ କ୍ଷେତ୍ର ଗୁଡ଼ିକର ଉ ‌ ‌ ାନ ପାଇଁ ରସାୟନ ଏବଂ ପେଟ୍ରୋକେମିକାଲ ଉଦ୍ୟୋଗ ଗୁଡ଼ିକର ଅସାଧାରଣ ଭୁମିକା ଉପରେ ଭାରତ ସରକାର, ରସାୟନ ଏବଂ ଉର୍ବର ମନ୍ତ୍ରଣାଳୟର ଶ୍ରୀ ଡି.ଭି. ସଦାନନ୍ଦଗୋଡା କହିଛନ୍ତି ଯେ, “ଭାରତୀୟ ରସାୟନ ଏବଂ ପେଟ୍ରୋକେମିକାଲ ଉଦ୍ୟୋଗରେ ନୀକଟରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ୨୦୨୫ ସୁଦ୍ଧା ଏହା ୯.୩%ର ସିଏଜିଆର ସହିତ ଆମେରିକୀୟ ଡଲାର ୧୬୩ ବିଲିୟନ ରୁ ୩୦୪ ବିଲିୟନ ବଜାର ଅଭିବୃଦ୍ଧି କରିବାର ଲକ୍ଷ୍ୟ ରଖିଛି ।” ଏହି ଶୁଭାରମ୍ଭ ଉପରେ ଦୀପକ ନାଇଟ୍ରାଇଟ ଲିମିଟେଡ, ଫିକି ରସାୟନ ଉଦ୍ୟୋଗ କମିଟି ଏବଂ ସିଏମଡି ଶ୍ରୀ ଦୀପକ ସି.ମେହେଟା କହିଛନ୍ତି ଯେ, “ଚଳିତ ବର୍ଷ ଭାରତ ଏକ ଗ୍ଲୋବାଲ କେମିକାଲ ଆଣ୍ଡ ପେଟ୍ରୋକେମିକାଲ ଉତ୍ପାଦନ ସ୍ଥଳ ଉପରେ ଆଧାରିତ ଏହି ସମ୍ମିଳନୀରେ ଏକ ଅଂଶ ହେବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସମଗ୍ର ଔଦ୍ୟୋଗିକ ଭାତୃଭାବ ସହ ସାକ୍ଷାତ କରିବା ମୋ ପାଇଁ ଏକ ବିଶେଷ ସୁଯୋଗ ।”

# ଓଡ଼ିଶାର ଇନ୍ନୋକ୍ୟୁଲ୍ ମ୍ୟାଟେରିଆଲ୍ ଏବଂ ଆଡିଟିଭସ୍ ପ୍ରାଃ. ଲିଃ. ଜାତୀୟ ଉଦ୍ୟୋଗ ଆୱାର୍ଡ-୨୦୧୯ ହାସଲ କଲେ

ଭୁବନେଶ୍ୱର : ଦେଶର ଉଦ୍ୟୋଗୀ ଏବଂ ଉଦ୍ୟୋଗ ଗୁଡ଼ିକୁ ଉତ୍ସାହିତ କରିବା ପାଇଁ ଜାତୀୟ ଉଦ୍ୟୋଗ ଆୱାର୍ଡ-୨୦୧୯ର ଚତୁର୍ଥ ସଂସ୍କରଣରେ ୩୦ ଜଣ ଯୁବ ଉଦ୍ୟୋଗୀ ଏବଂ ୬ ଟି ଉଦ୍ୟୋଗକୁ ପୁରସ୍କୃତ କରାଯାଇଛି । ପୁରସ୍କାର ଭାବରେ ଟ୍ରଫି, ପ୍ରମାଣ ପତ୍ର ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ପ୍ରଦାନ କରାଯାଇଛି । କେମିକାଲ ବର୍ଗରେ ଓଡ଼ିଶାର ଇନ୍ନୋକ୍ୟୁଲ୍ ମ୍ୟାଟେରିଆଲ୍ ଏବଂ ଆଡିଟିଭସ୍ ପ୍ରାଃ. ଲିଃ. ଜାତୀୟ ଉଦ୍ୟୋଗ ଆୱାର୍ଡ-୨୦୧୯ ପ୍ରଦାନ କରାଯାଇଛି । ଏହି ଅବସରରେ ଯଥାକ୍ରମେ ଜ୍ଞାନରଞ୍ଜନ ଦାସ ଏବଂ ସୁରଭି ସରନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସେମାନେ ୧ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିବେଶ କରିଥିବାବେଳ ଉଭୟଙ୍କୁ ୫ ଲକ୍ଷ ଟଙ୍କା ନଗଦ ସହିତ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ।ନଭେମ୍ବର ୯ରେ ନୂଆଦିଲ୍ଲୀର ପ୍ରବାସୀ ଭାରତୀୟ କେନ୍ଦ୍ରରେ ଏହି ପୁରସ୍କାର ଦକ୍ଷତା ବିକାଶ ଏବଂ ଉଦ୍ୟାଗ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ ପ୍ରଦାନ କରିଛନ୍ତି । ଏହି ଅବସରରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ କହିଲେ, “ ନିର୍ମାଣ ତଥା ନବୀକରଣ କ୍ଷେତ୍ରରେ ଭାରତ ଏବେ ପୃଥିବୀରେ ଆଗୁଆ ରହିଛି । ୨୦୧୮ରେ ଭାରତରେ ୭୨୦୦ ଷ୍ଟାର୍ଟ ଅପ୍ ରହିଛି । ଅପରପକ୍ଷରେ ୟୁକେରେ ୧୧,୮୬୪ ଏବଂ ଆମେରିକାରେ ୪୧,୫୦୦ ରହିଥିଲା । ଅଗାମୀ ଦିନରେ ଦେଶର ବିକାଶ ଲକ୍ଷ୍ୟ ନେଇ ଆମେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ଜାରି ରଖିଛୁ । ଯାହାଦ୍ୱାରା ଆର୍ଥିକ ବିକାଶ ହାସଲ କ୍ଷେତ୍ରରେ ସହାୟତା ମିଳିବା ସହିତ ଦେଶର ଯୁବବର୍ଗଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇ ପାରିବ । ମୁଁ ପୁରସ୍କୃତ ହୋଇଥିବା ସମସ୍ତ ଉଦ୍ୟୋଗ ଏବଂ ଉଦ୍ୟୋଗୀଙ୍କର ଉଜ୍ଜଳ ଭବିଷ୍ୟତ କାମନା କରୁଛି ।ଇନ୍ନୋକ୍ୟୁଲ୍ ୨୦୦୮ରେ ୟୁନିସଲ ଭାବେ ଆରମ୍ଭ ହୋଇଥିଲା । ଏହାପରେ ୨୦୧୪ରେ ଇନ୍ନୋକ୍ୟୁଲ୍ ସ୍ଥାପିତ ହୋଇଥିଲା । ଭାରତରେ ବହୁ ଲ୍ୟାବ ସହିତ ଏହା ମିଳିତ ଭାବେ କାର୍ଯ୍ୟ କରୁଛି ।

# ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ “ମହା ଲୋନ୍ ଧମାକା”ର ଶୁଭାରମ୍ଭ

ଭୁବନେଶ୍ୱର: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆଜି “ମହା ଲୋନ ଧମାକା” ଅଭିଯାନ ବିଷୟରେ ଘୋଷଣା କରାଯାଇଛି । ଏହା ହେଉଛି ଏକ ସ୍ୱତନ୍ତ୍ର ପ୍ରକାର ଶିବିର ଯେଉଁଠାରେ ତତ୍କାଳ ଋଣ ଆବଂଟନ ଓ ମଂଜୁର କରାଯିବ । ଏହି ଶିବିରକୁ ଗ୍ରାମାଂଚଳ, ଅର୍ଧ ସହରାଚଂଳରେ ଆୟୋଜନ କରାଯିବ । ବିଭିନ୍ନ କର୍ପୋରେଟ ସଂସ୍ଥା ପରିସରରେ ମଧ୍ୟ ଏହି ଶିବିର ଆୟୋଜନ କରାଯିବ ଯେଉଁଠାରେ ବ୍ୟାଙ୍କର ଗ୍ରାହକ ଓ ବ୍ୟାଙ୍କ ଗ୍ରାହକ ନଥିବା ଲୋକମାନେ ଋଣ ପାଇପାରିବେ । ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ସାରା ଦେଶରେ ଏଭଳି ୨୦୦୦ ମହା ଋଣ ଶିବିର ଆୟୋଜନ କରିବାକୁ ବ୍ୟାଙ୍କ ଯୋଜନା ରଖିଛି । ହୁଣ୍ଡାଇ ମୋଟର୍ସ ଲିମିଟେଡ ଇଣ୍ଡିଆ ସହଯୋଗରେ ଗ୍ରାମାଚଂଳ ଓ ଅର୍ଦ୍ଧ ସହରାଚଂଳରେ ଏହି ଶିବିର ଆୟୋଜନ କରାଯିବ । ପ୍ରତିଟି ଶିବିରକୁ ଦୁଇ ଦିନ ପାଇଁ ଆୟୋଜନ କରାଯିବ ଯେଉଁ ଠାରେ ଗ୍ରାହକମାନେ ଆବଶ୍ୟକ କାଗଜପତ୍ର ସହ ପହଂଚି ଋଣ ନେଇପାରିବେ । ଗୁଜରାଟର ବାନସକନ୍ଠା ଜିଲ୍ଲାର ଡୀସା ଠାରୁ ବ୍ୟାଙ୍କ ତରଫରୁ ପ୍ରଥମ ଶିବିର ଆୟୋଜନ କରି ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । ବ୍ୟାଙ୍କ ତରଫରୁ ମହା ଋଣ ଶିବିରରେ ଦୁଇ ଚକିଆ, ଚାରି ଚକିଆ ଯାନ, ଟ୍ରକ, କୃଷି ଉପକରଣ, ଟ୍ରାକ୍ଟର, ବ୍ୟକ୍ତିଗତ ଋଣ, ସୁନା ଋଣ ଓ କିସାନ କ୍ରେଡିଟ କାର୍ଡ ପ୍ରଦାନ କରାଯିବ । ଶିବିର ଆୟୋଜନ କରାଯାଉଥିବା ଆଖପାଖ ଅଂଚଳ, ଗ୍ରାମ ଓ ନଗରର ଲୋକମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ । ବଡ଼ କର୍ପୋରେଟ ସଂସ୍ଥା ପରିସରରେ ଆୟୋଜନ କରାଯିବାକୁ ଥିବା ଶିବିରରେ ସେହିଠାରେ ତତ୍କାଳ ଗୃହ, ବ୍ୟକ୍ତିଗତ, ଦୁଇ ଚକିଆ, ଚାରି ଚକିଆ ଋଣ ଓ କ୍ରେଡିଟ କାର୍ଡ ମଂଜୁର କରାଯିବ । ଏହି ଅଭିଯାନ ବିଷୟରେ ଶ୍ରୀଯୁକ୍ତ ଅନୁପ ବାଗଚି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆଇସିଆଇସିଆଇ ବ୍ୟାଙ୍କ କହିଛନ୍ତି ଯେ, “ମହା ଋଣ ଧମାକାକୁ ଉନ୍ମୋଚନ କରି ଆମେ ଅତ୍ୟନ୍ତ ଆନନ୍ଦିତ । ଏହାର ଲକ୍ଷ୍ୟ ହେଉଛି ସାରା ଦେଶରେ ଲୋମାନଙ୍କ ପାଖରେ ସୁବିଧାରେ ଋଣ ପହଂଚାଇବା । ଏହି ଉଦ୍ୟମ ମାଧ୍ୟମରେ ଆମେ ଗ୍ରାମାଂଚଳ, ଅର୍ଧ ସହରାଚଂଳ ଓ କର୍ପୋରେଟ ସଂସ୍ଥାଗୁଡ଼ିକର ବେତନଭୋଗୀ କର୍ମଚାରୀମାନଙ୍କ ପାଖରେ ଆମର ସ୍ୱତନ୍ତ୍ର ତତ୍କାଳ ଋଣ ମଂଜୁର ଓ ଅନ ଦି ସ୍ପଟ୍ ଆପ୍ରୁଭାଲ୍ ସେବା ପହଂଚାଇବୁ । ଆମର ବିଶ୍ୱାସ ରହିଛି ଯେ ଆମେ ଫାଇନାନ୍ସ ଉପରେ ସ୍ୱତନ୍ତ୍ର ସୁବିଧା, ନିର୍ମାତାଙ୍କ ଠାରୁ ଗାଡ଼ି କିଣିବା ଉପରେ ସ୍ୱତନ୍ତ୍ର ଡିଲ୍ ଏବଂ ବଳିଉଡ ତାରକାଙ୍କୁ ଭେଟିବା ଭଳି ଅନେକ ସୁବିଧା ପ୍ରଦାନ କରିବୁ । ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଆମେ ଏଭଳି ୨୦୦୦ ପାଖାପାଖି ଶିବିର ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ ।’’

# କ୍ଲାସିକ୍ ଲିଜେଣ୍ଡସ୍‌ର ପ୍ରଥମ ବାର୍ଷିକୀ ପାଳନ; ଜାୱା ପୈରାକ୍ ର ଉତ୍ପାଦନ ଭର୍ସନ ଉନ୍ମୋଚିତ

ମୁମ୍ବାଇ/ ଭୁବନେଶ୍ୱର : ଏବେଠାରୁ ଠିକ ଗୋଟିଏ ବର୍ଷ ପୂର୍ବରୁ କ୍ଲାସିକ୍ ମୋଟରସାଇକଲ୍ ସହିତ କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ ଏହାର ଯାତ୍ରା ଆରମ୍ଭ କରିଥିଲା । ମୁମ୍ବାଇ ଠାରେ ଆୟୋଜନ କରାଯାଇଥିବା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଜାୱା ଓ ଜାୱା ଫୋର୍ଟି ଟୁକୁ ଉନ୍ମୋଚନ କରି ଦର୍ଶକଙ୍କୁ ରୋମାଂଚିତ କରାଯାଇଥିବା ବେଳେ ଏକ ଫ୍ୟାକ୍ଟରି କଷ୍ଟମ୍ ଭାବେ ଜାୱା ପୈରାକ୍‌କୁ ଉନ୍ମୋଚନ କରାଯାଇଥିଲା । ଆଜି, କ୍ଲାସିକ୍ ଲିଜେଣ୍ଡସ୍ ଏହାର ପ୍ରଥମ ବାର୍ଷିକୀ ପାଳନ କରୁଥିବା ବେଳେ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରି ଆକର୍ଷଣୀୟ ନୂଆ ଜାୱା ପୈରାକ୍‌କୁ ଉନ୍ମୋଚନ କରିଛି । ପୈରାକ୍‌କୁ ଉନ୍ମୋଚନ କରିବା ପୂର୍ବରୁ କ୍ଲାସିକ୍ ଲିଜେଣ୍ଡସ୍ ପକ୍ଷରୁ ଗତ ବର୍ଷକର ସଫଳତାକୁ ବର୍ଣ୍ଣନା କରାଯାଇଛି । ଜାୱା ମୋଟରସାଇକଲ୍‌ର ବୁକିଙ୍ଗ୍ ପ୍ରତି ବିପୁଳ ସମର୍ଥନ ଯୋଗୁ ବୁକିଙ୍ଗ୍ ଘୋଷଣା ହେବାର କିଛି ଦିନ ଭିତରେ ପରବର୍ତି ୯ ମାସ ପାଇଁ ଏହି ବ୍ରାଣ୍ଡ୍‌ର ସବୁ ମୋଟରସାଇକଲ୍ ବିକ୍ରି ହୋଇଯାଇଥିଲା ଏବଂ ସେଥିପାଇଁ ଉନ୍ମୋଚନର ୪୦ ଦିନ ଭିତରେ ଅନଲାଇନ୍ ବୁକିଙ୍ଗ୍ ବନ୍ଦ କରିବାକୁ ପଡ଼ିଥିଲା । ୧୦୦ ଦିନରୁ କମ୍ ସମୟ ଭିତରେ କଂପାନି ୧୦୦ ନୂଆ ଡିଲରସିପ୍ ଖୋଲିବାରେ ସକ୍ଷମ ହୋଇଛି ଯାହା ହେଉଛି ଦେଶର ଏକ ଅଟୋମୋବାଇଲ୍ କଂପାନି ଲାଗି ଉଲ୍ଲେଖନୀୟ ସଫଳତା । ଶ୍ରୀଯୁକ୍ତ ଆନନ୍ଦ ମହିନ୍ଦ୍ରା, ଅଧ୍ୟକ୍ଷ, ମହିନ୍ଦ୍ରା ଗ୍ରୁପ୍ କହିଛନ୍ତି ଯେ, “ଏକ ଚମତ୍କାର ବ୍ରାଣ୍ଡ୍‌କୁ ପୁନଃ ଉପସ୍ଥାପିତ କରିବା ଲାଗି ଗତବର୍ଷ ଆମକୁ ବିରଳ ସୁଯୋଗ ମିଳିଥିଲା । ସ୍ୱାଧୀନତା ଓ ରୋମାଂଚ ପ୍ରତି ଆମର ରହିଥିବା ଆକର୍ଷଣ ଓ ଅଭିଳାଷକୁ ଜାୱା ଉପସ୍ଥାପନ କରିଥିଲା । ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ବର୍ଷ ଥିଲା, ଯେଉଁଥିରେ ଜାୱା ସହ ବଢ଼ିଥିବା ଏହାର ଅନେକ ପ୍ରେମୀ ହଜାର ହଜାର ସ୍ମୃତିକୁ ତାଜା କରିଛନ୍ତି ଏବଂ ନୂତନ ମାଲିକମାନେ ଅସଂଖ୍ୟ କାହାଣୀ ସହିତ ଆଗକୁ ବଢ଼ିବାକୁ ଯାଉଛନ୍ତି ।’’ଶ୍ରୀଯୁକ୍ତ ଅନୁପମ ଥରେଜା, ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, “ଗତବର୍ଷ ଏହି ଦିନ ଯେତେବେଳେ ମୁଁ ଓ ମୋ ଟିମ୍ ଜାୱାକୁ ଉନ୍ମୋଚନ କରିଥିଲୁ ତାହା ଆମ ପାଇଁ ଏକ ଗୌରବମୟ ମୁହୂର୍ତ ଥିଲା । କିଛି ସପ୍ତାହ ଭିତରେ ସବୁ ବିକ୍ରି ହୋଇଯିବା ଭଳି ଘଟଣା ଓ ରେକର୍ଡ ସମୟ ଭିତରେ ଆମର ଡିଲରସିପ୍ ନେଟୱର୍କକୁ ସଂପ୍ରସାରଣ କରିବା ଠାରୁ ଫର୍‌ଏଭର୍ ହିରୋଜ୍ ଓ ଜାୱା ନୋମାଡସ୍ କାର୍ଯ୍ୟକ୍ରମକୁ ଉନ୍ମୋଚନ କରିବା ପର୍ଯ୍ୟନ୍ତ ତାହା ଆମ ପାଇଁ ଏକ ଚମତ୍କାର ବର୍ଷ ଥିଲା । ଜାୱାକୁ ପୁନଃ ଉପସ୍ଥାପନ କରିବାର ସୁଯୋଗ ଏହା ସହିତ ଆହ୍ୱାନ ନେଇ ଆସିଥିଲା ଓ ଆମ ଉପରେ ବିଶ୍ୱାସ ପ୍ରକଟ କରିଥିବାରୁ ଆମେ ଆମର ଗୋଷ୍ଠୀ ଓ ଗ୍ରାହକଙ୍କୁ ଧନ୍ୟବାଦ ଦେଉଛୁ ଯେଉଁମାନଙ୍କ ପାଇଁ ଆମେ ଆମର ଉତ୍ପାଦ ଓ ସମ୍ପର୍କ କାର୍ଯ୍ୟକ୍ରମ ଜରିଆରେ ନୂତନ ଶିଖରରେ ପହଂଚିପାରିଛୁ ।’’

# ଗୋଏୟାର୍‌କୁ ମିଳିଲା ଯାତ୍ରୀଙ୍କ ତରଫରୁ ସର୍ବାଧିକ ୪ ଷ୍ଟାର୍ ରେଟିଂ

ଭୁବନେଶ୍ୱର: ଚଉଦ ଲକ୍ଷ ନିୟୁତରୁ ଅଧିକ ଯାତ୍ରୀଙ୍କୁ ନେଇ କରାଯାଇଥିବା ଏକ ମତଦାନ ପ୍ରକ୍ରିୟାରେ ଦେଶର ଅଗ୍ରଣୀ ବିମାନ କଂପାନି ଗୋଏୟାର୍‌କୁ ସର୍ବାଧିକ ୪ ଷ୍ଟାର୍ ରେଟିଂ ମିଳିଛି । ସାରା କେନ୍ଦ୍ରୀୟ ଏସିଆ ଅଂଚଳ ପାଇଁ କଂପାନି ଏହି ମାନ୍ୟତା ହାସଲ କରିଛି । ଆପେକ୍ସ ନାମକ ଏକ ଅଣ ଲାଭଦାୟକ କଂପାନି ତରଫରୁ ଏହି ମତଦାନ କରାଯାଇଥିଲା । ସିଙ୍ଗାପୁର ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଏୟାରବସ, ସେଂଟର ଫର ଆଭିଏସନ (କାପା) ଓ ଦି ଇଟଂରନ୍ୟାସନାଲ୍ ଏୟାର ଟ୍ରାନ୍ସପୋର୍ଟ ଆସୋସିଏସନ (ଆଇଟା)ର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗୋଏୟାର୍‌କୁ ପ୍ରଦାନ କରାଯାଇଛି । ଆପେକ୍ସ ତରଫରୁ ଗୋଏୟାର୍‌କୁ ତାହାର ବିମାନ ଭିତରର ସାମଗ୍ରିକ ଅନୁଭୂତି, କେବିନ ସେବା, ସିଟର ଆରାମ, ସ୍ୱଚ୍ଛତା ଓ ଖାଦ୍ୟପାନୀୟ ଲାଗି “ସୁଲଭ ମୂଲ୍ୟର ବିମାନ କଂପାନି ୨୦୨୦ ଅଫିସିଆଲ ଏୟାରଲାଇନ୍ ରେଟିଂ” ବର୍ଗରେ ୪ ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି । ଶ୍ରେଷ୍ଠ ସିଟ୍ ଆରାମ ଓ ଶ୍ରେଷ୍ଠ କ୍ୟାବିନ୍ ସେବା ଉପରେ ମଧ୍ୟ କଂପାନିକୁ ଯାତ୍ରୀମାନେ ଶ୍ରେଷ୍ଠବିମାନ କଂପାନି ଭାବେ ଭୋଟ୍ ଦେଇଛନ୍ତି । ଅଫିସିଆଲ୍ ଏୟାରଲାଇନ୍ ରେଟିଂ ଓ ଆପେକ୍ସ ଯାତ୍ରୀ ପସନ୍ଦ ପୁରସ୍କାରକୁ ନିରପେକ୍ଷ, ତୃତୀୟ ପକ୍ଷ ଯାତ୍ରୀ ମତାମତ ଆଧାରରେ ପ୍ରଦାନ କରାଯାଉଛି । ସାରା ବିଶ୍ୱରେ ଥିବା ପାଖାପାଖି ୬୦୦ ବିମାନ କଂପାନି ପାଇଁ ୧.୪ ନିୟୁତ ଯାତ୍ରୀ ଭୋଟ ଦେଇଥିଲେ । ତାହାକୁ ବର୍ହି ଅଡିଟିଂ କଂପାନି ଜରିଆରେ ଅନୁଶୀଳନ କରାଯାଇଥିଲା । ଏହି ଅବସରରେ ଶ୍ରୀଯୁକ୍ତ ଜେହ ୱାଡିଆ, ପରିଚାଳନା ନିର୍ଦ୍ଦେଶକ, ଗୋଏୟାର କହିଛନ୍ତି ଯେ,“ନ୍ୟୁୟର୍କରେ ଥିବା ଏୟାରଲାଇନ୍ ପାସେଞ୍ଜର ଏକ୍ସପିରିଏନ୍ସ ଆସୋସିଏସନ (ଆପେକ୍ସ) ସାରା ବିଶ୍ୱର ଯାତ୍ରୀଙ୍କ ସ୍ୱାର୍ଥ ଲାଗି ବିମାନ ଶିଳ୍ପରେ କାର୍ଯ୍ୟ କରୁଛି । ହାରାହାରି ୩.୮ ବର୍ଷର ବିମାନକୁ ନେଇ ଥିବା ଫ୍ଲିଟ୍ ଜରିଆରେ ଗୋଏୟାରର ଥିବା ଗ୍ରାହକ କୈନ୍ଦ୍ରୀକ ଦର୍ଶନ ପ୍ରତି ଫୋର ଷ୍ଟାର୍ ରେଟିଂ ହେଉଛି ସ୍ୱୀକୃତି । ଟିକଟ କିଣିବାଠାରୁ ଆରମ୍ଭ କରି ବ୍ୟାଗ୍ ହାସଲ କରିବା ପର୍ଯ୍ୟନ୍ତ ପ୍ରତିଟି ସ୍ତରର ଯାତ୍ରା ଅନୁଭୂତି ପାଇଁ ଗୋଏୟାର ଯାତ୍ରୀମାନଙ୍କୁ ମତାମତ ମଗାଯାଇଥିଲା ଏବଂ ସେମାନେ ଉଲ୍ଲେଖନୀୟ ଭାବେ ଗୋଏୟାର ସପକ୍ଷରେ ଭୋଟ୍ ଦେଇଛନ୍ତି ।




# ଈଶ୍ୱର ପ୍ରେମ ହିଁ କେବଳ...



ଭୁବନେଶ୍ୱର (ପିଏନ୍): ଆମ ଭାରତବର୍ଷ ଏ ଦୃଷ୍ଟିରୁ ବହୁତ ଭାଗ୍ୟବାନ ଯେ ଭଗବାନ ଯେତେବେଳେ ଅବତାର ଗ୍ରହଣ କରିବାକୁ ଇଚ୍ଛା କରନ୍ତି ଏଇ ଭାରତ ଭୂମିକୁ ହିଁ ପସନ୍ଦ କରିଥାନ୍ତି। ଏହାର କାରଣ ସ୍ୱରୂପ ଅନେକ ମହାପୁରୁଷ ଅନେକ ପ୍ରକାର ଉତ୍ତର ଦେଇଥାନ୍ତି। ସେ କାରଣ ଗୁଡ଼ିକ ଠିକ୍ ହୋଇପାରେ, ଭଗବାନ ଯେଉଁ ଉତ୍ତର ଦିଅନ୍ତି ତାହା ସର୍ବଶ୍ରେଷ୍ଠ। ତା'ହେଉଛି ଏହା ଭଗବାନଙ୍କ ଇଚ୍ଛା। ସେ ଏଠାରେ ଅବତାର ନେବାକୁ ଇଚ୍ଛା କରିବା ହିଁ ଆମ ପାଇଁ ସବୁଠାରୁ ବଡ଼ କୃପା। ଅବତାରଙ୍କ ଜୀବନକାଳର ପ୍ରଭାବରେ ଅନେକ ସାଧାରଣ ଲୋକ ଭକ୍ତରେ ପରିଣତ ହୋଇଯାଆନ୍ତି, ଅନେକ ଭକ୍ତ ତାଙ୍କ ଭକ୍ତିକୁ ରୂପ ଦେବାକୁ ଯାଇ ଲୋକ ସେବକ ହୋଇଯାଆନ୍ତି। ଭକ୍ତି ଓ ସେବା କର୍ମ ଯୋଗୁଁ ସେମାନେ ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ହୋଇଥାଆନ୍ତି। ଅବତାର ମାନଙ୍କ ମଧ୍ୟରୁ କିଏ ବଡ଼ କିଏ ସାନ କହିବା ଆମ ଭଳି ସାଧାରଣ ଲୋକଙ୍କ ପକ୍ଷରେ ଧୃଷ୍ଟତା ହୋଇଥାଏ। ସେ କ୍ଷମତା କିଏ କାହାକୁ ଦେଇନାହାନ୍ତି। ଯୁଗ, ପରିସ୍ଥିତି, ଦୁଷ୍ଟମାନଙ୍କ ପ୍ରାଦୁର୍ଭାବ, ସାଧୁ ମାନଙ୍କ ପ୍ରାର୍ଥନାର ଗଭୀରତା ତଥା ଜନସାଧାରଣଙ୍କ ପ୍ରାଣର ବ୍ୟାକୁଳତାକୁ ବିଚାରକୁ ନେଇ ଭଗବାନ ଯେଉଁ ନାମ ଓ ରୂପ ଗ୍ରହଣ କରିବାକୁ ସ୍ଥିର କରନ୍ତି, ତାହାକୁ କାହା ସହ ତୁଳନା କରିବା ଏବଂ କିଏ କେତେ କଳାର ଅବତାର କହିବା ନିଶ୍ଚିତ ଭାବେ ଅପରାଧ। ଯାହା ଆଖିକୁ ଦେଖାଯାଏ, ଯାହା କାନକୁ ଶୁଣାଯାଏ, ଯାହା ଅନୁଭବ ହୁଏ, ସେ ସବୁକୁ ଆଧାର କରି ଜଣେ ନିଜ ହୃଦୟର ଅଭିବ୍ୟକ୍ତି କେବଳ ପ୍ରକାଶ କରିପାରିବେ। ତାହା ହିଁ ଶ୍ରେଷ୍ଠ ମନ୍ତବ୍ୟ ହେବ। ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ଅନ୍ତର୍ଗତ ପୁଟପର୍ତ୍ତି ଠାରେ ଶ୍ରୀ ସତ୍ୟସାଇ ବାବା ଆବିର୍ଭାବ ହୋଇ କୋଟି କୋଟି ଲୋକଙ୍କ ହୃଦୟରେ ଆସନପାତି ବସିବା, ସନ୍ଦେହୀ ମାନଙ୍କ ସନ୍ଦେହ ନିବାରଣ କରିବା, ବୈଜ୍ଞାନିକମାନଙ୍କ ମତକୁ ସଠିକ୍ ମାର୍ଗରେ ପରିଚାଳିତ କରିବା, ବ୍ୟବସାୟୀ ମାନଙ୍କ ଦୃଷ୍ଟିଭଙ୍ଗୀକୁ ସାବଲୀଳ କରିବା, ରାଜନୈତିକ ନେତା ମାନଙ୍କ ହୃଦୟରେ ଆଧ୍ୟାତ୍ମିକ ଲେପ ଦେବା ଭଳି କେତେ କେତେ ଦୈବୀ କାର୍ଯ୍ୟ କରିଛନ୍ତି ତାହାର ହିସାବ ଯେତେ ଦେଲେ ମଧ୍ୟ ତା'କମ୍ ହେବ। ଛାତ୍ର ମାନଙ୍କ ଜୀବନରେ ଚରିତ୍ର , ନାରୀ ମାନଙ୍କ ଜୀବନର ଶ୍ରେୟ, ଯୁବକ ମାନଙ୍କ ମଧ୍ୟରେ ସେବା ଭାବ ତଥା ଜନସାଧାରଣଙ୍କ ହୃଦୟରେ ଦେଶପ୍ରୀତି ତଥା ସ୍ୱାର୍ଥ ତ୍ୟାଗର ମନ୍ତ୍ର ଏତେ ଫଳପ୍ରଦ ଭାବରେ ଶିଖାଇଥିଲେ ଯେ ତାଙ୍କର ଏ ଜାଗତିକ ରହଣୀ ପରେ ମଧ୍ୟ ଅଧିକରୁ ଅଧିକ ଭକ୍ତ ନିର୍ମାଣ ହେଉଛନ୍ତି ଓ ସଙ୍ଗଠନର ଶାଖା ମାନ ବଢ଼ିଚାଲିଛି, କେବଳ ଓଡ଼ିଶାରେ ନୁହେଁ, ଭାରତର ସମସ୍ତ ପ୍ରଦେଶରେ ତଥା ପୃଥିବୀର ୧୪୫ଟି ଦେଶରେ। ତାଙ୍କ ଶିକ୍ଷା ଏଭଳି ଥିଲା ଯେ ପୃଥିବୀର ବିଭିନ୍ନ ଦେଶ, ପ୍ରଦେଶରେ ଲୋକମାନେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରୁଥିଲେ ମଧ୍ୟ ବିଭିନ୍ନ ସଂସ୍କୃତିର ହୋଇ ଥିଲେ ମଧ୍ୟ, ବିଭିନ୍ନ ଖାଦ୍ୟାଭ୍ୟାସର ବଶବର୍ତ୍ତୀ ହୋଇଥିଲେ ମଧ୍ୟ, ନିଜ ନିଜ ଧର୍ମର ଗଣ୍ଡି ଭିତରେ ଥାଇ ମଧ୍ୟ ବାବାଙ୍କ ବାଣୀକୁ ସାଦରେ ଗ୍ରହଣ କରି ତାଙ୍କ ପ୍ରଦର୍ଶିତ ମାର୍ଗରେ ନିଜକୁ, ନିଜ ପରିବାରକୁ ଓ ନିଜ ସମାଜକୁ ପ୍ରଭାବିତ ତଥା ପରିଚାଳିତ କରିବାରେ ଲାଗିଛନ୍ତି। ଋଷିଆରେ ତାଙ୍କ ପୂର୍ବନାମ ୟୁଏସ୍ଏସ୍ଆର ପରିବର୍ତ୍ତେ ସେମାନେ କହିଲେଣି, ଏହାର ନାମ ୟୁନାଇଟେଡ ସତ୍ୟ ସାଇ ରିପବ୍ଲିକ। ବାବା ନିଜେ କହନ୍ତି, 'ମୁଁ ଗୋଟିଏ ଅସ୍ତ୍ର ନେଇ ଏଥର ଆସିଛି, ତାହା ହେଉଛି ଅବ୍ୟର୍ଥ ପ୍ରେମ। ଏହା କେବେ ହେଲେ ବ୍ୟର୍ଥ ହେବନାହିଁ। ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ, ସମସ୍ୟା ଯେତେ ଅସମ୍ଭାଳ ଜଣାପଡୁଥିଲେ ମଧ୍ୟ, କୁଟନୀତି ଯେତେ ସାଙ୍ଘାତିକ ହୋଇଥିଲେ ମଧ୍ୟ ପ୍ରେମ ଅସ୍ତ୍ର କେବେହେଲେ ବିଫଳ ହେବନାହିଁ। ମଣିଷର ଷଡ଼ରିପୁ ଯେତେ ପ୍ରବଳ ହୋଇଥାନ୍ତୁ, ବାହ୍ୟ ଶତ୍ରୁ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ପ୍ରେମଭାବ ନିଶ୍ଚିତ ବିଜୟ ଲାଭ କରିବ।' ସେ ମଧ୍ୟ ସମଗ୍ର ବିଶ୍ୱ ପ୍ରତି ସ୍ନେହ ପ୍ରେମ ଭାବ ପ୍ରୟୋଗ କରି ସବୁକିଛି ହାସଲ କରିଛନ୍ତି। ପ୍ରେମର ଶକ୍ତି ବାବଦରେ ସୂଚନା ଦେଇ କହନ୍ତି ପ୍ରେମରଶକ୍ତି ଈଶ୍ୱରଙ୍କ ଶକ୍ତି ସହ ସମାନ। ଆମ୍ଭମାନଙ୍କୁ ବୁଝାଇଛନ୍ତି ପ୍ରେମ ହିଁ ତ୍ୟାଗ, ପ୍ରେମ ହିଁ କ୍ଷମା, ପ୍ରେମ ହିଁ ନିଃସ୍ୱାର୍ଥପରତା, ପ୍ରେମ ହିଁ ଅହିଂସା, ପ୍ରେମ ହିଁ ଏକମାତ୍ର ଧର୍ମ ଓ ତାହା ହିଁ ସତ୍ୟ। ମନେହୁଏ ଏହି ପ୍ରେମକୁ ଯଦି ଆମେ ଆମ ଜୀବନରେ ସର୍ବୋଚ୍ଚ ସ୍ଥାନ ଦିଅନ୍ତେ ତେବେ ଆମ ସାଂସାରିକ ଜୀବନ ବୈକୁଣ୍ଠ ଜୀବନ ହୋଇଯାଆନ୍ତା।

**(ସୌଜନ୍ୟ: ଡଃ. ସଚ୍ଚିଦାନନ୍ଦ ନନ୍ଦ, ଅଲିଶା ବଜାର, କଟକ, ଦୂରଭାଷ: ୯୪୩୭୫୧୧୨୩୦)**

## ପଞ୍ଚୁକ ଉପଲକ୍ଷେ ସାଇଭଜନ ପଦଯାତ୍ରା



କଟକ (ପିଏନ୍): ପୁଣ୍ୟ କାର୍ତ୍ତିକର ପବିତ୍ରତମ ପଞ୍ଚୁକ ଅବସରରେ ଶ୍ରୀ ସତ୍ୟସାଇ ସେବାସମିତି କଟକ ଆନୁକୂଲ୍ୟରେ ଓ ସାଇ ଆଶ୍ରିତ ଶିବପ୍ରସାଦ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଯାୟୀ ଭଜନ ଓ ସେବାକାର୍ଯ୍ୟ, ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇଙ୍କ କୃପାପ୍ରାପ୍ତ ସେକ୍ଟର-୧୦ସ୍ଥିତ 'ସତ୍ୟଦୀପ'ରେ ନାମ ସଂକୀର୍ତ୍ତନର ଉଦ୍‌ଯାପନୀ ସମାରୋହ ହୋଇଥିବା ବେଳେ ସମଗ୍ର ମର୍କତ ନଗର ପରିକ୍ରମା ସହ ସତ୍‌ସଙ୍ଗ ଆୟୋଜନ ହୋଇଥିଲା। ପଞ୍ଚୁକର ବିଭିନ୍ନ ଦିବସରେ ସାଇ ଆଶ୍ରିତ ଭବାଶିଷ ଦାସ, ଅମ୍ବିକା ପ୍ରସାଦ ଷେଣ୍ଟ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ରଥ, ଅଞ୍ଜନ ବିଶ୍ୱାଳଙ୍କ ବାସଭବନରୁ ଏହି ନାମ ସଂକୀର୍ତ୍ତନ ଯାତ୍ରା ସମଗ୍ର ମର୍କତ ନଗର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସମିତିର ପୂର୍ବତନ ଆବାହକ ରବିନାରାୟଣ ସେନାପତି, ସଞ୍ଜୀବ ନନ୍ଦ, ଜଗନ୍ନାଥ ମିଶ୍ର, ବଳଭଦ୍ର ମିଶ୍ର, ଅଶୋକ ପଲାଇ, ପ୍ରକାଶ ଲେଙ୍କା, ଅନୁପମା ରଥ, ଶୈଳେସ ଦାସ, କାର୍ତ୍ତିପଦ୍ମା ମହାନ୍ତି, ନିରୂପମା ଷେଣ୍ଟ, ସୁଲୋଚନା ଅପା, କୁନି ଅପା, ଶାନ୍ତିଲତା ଗ୍ରହାଚାର୍ଯ୍ୟ, ସ୍ୱାଗତିକା ମହାପାତ୍ର ପ୍ରମୁଖଙ୍କ ସ୍ୱତନ୍ତ୍ର ପ୍ରଶାନ୍ତି ଭଜନ ପୁଣ୍ୟ ପବିତ୍ର କାର୍ତ୍ତିକର ପ୍ରତ୍ୟୁଷ ମୁହୂର୍ତ୍ତକୁ ଦିବ୍ୟ ଆନନ୍ଦମୟ କରିପାରିଥିଲା। ଏପରି ଏକ ଅଭିନବ ନାମ ସଂକୀର୍ତ୍ତନ ଯାତ୍ରାରେ ସହରର ସାଇ ଆଶ୍ରିତ, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଯୋଗଦାନ ପୂର୍ବକ ଶ୍ରୀ ସାଇଙ୍କ କୃପା ଲାଭ କରିଥିଲେ।

# ବିଷ ବଳୟରେ ଭାରତର ସହର



ଭାରତର ୧୩ଟି ସହରର ପବନରେ ଏବେ ଭରିଯାଇଛି ବିଷ। ପ୍ରଦୂଷଣର ମାତ୍ରା ସୀମା ଲଂଘିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ଭାବେ ଗତବର୍ଷ ଘୋଷଣା କରିଥିବା ବେଳେ ଭାରତର ୧୩ଟି ସହର ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ୨୦ଟି ସହର ଭିତରେ ରହିଛି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ଶିଳ୍ପ ବିକାଶ ପାଇଁ ଅହରହ ଉଦ୍ୟମ ଜାରି ରଖିବା ସହ ଭାରତକୁ ଏକ ବିଶ୍ୱସ୍ତରୀୟ ନିର୍ମାଣ କ୍ଷେତ୍ର ଭାବେ ପରିଗଣିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି, ଅନ୍ୟପଟେ ପରିବେଶଗତ ବିପଦ ଘନେଇବାରେ ଲାଗିଛି। ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ସହରର ବିଷାକ୍ତ ପବନକୁ ନେଇ ଏବେ ଚିନ୍ତା ବଢୁଛି। ଦିଲ୍ଲୀ ସମେତ ପାଟନା, ଗୋଆଲିୟର, ରାୟପୁର, ଅହମ୍ମଦାବାଦ, କାନପୁର, ଅମୃତସର, ଲୁଧିଆନା, ଆହ୍ଲାବାଦ ଏବଂ ଆଗ୍ରା ସହରରେ ବାୟୁ ପ୍ରଦୂଷଣ ସ୍ଥିତି ବିପଜ୍ଜନକ ରହିଛି। ବିଷାକ୍ତ ପରିବେଶ ଗୁରୁତର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିଛି। ବିଷାକ୍ତ ଗ୍ୟାସ, ଧୂଳି ଏବଂ ସୂକ୍ଷ୍ମ ପଦାର୍ଥ ପବନରେ ଭରିଯିବାରୁ ମଣିଷର ଶରୀର ପାଇଁ ଏହା ଘାତକ ସାବ୍ୟସ୍ତ ହୋଇଛି। ଏସିଆର ଦ୍ୱିତୀୟ ସର୍ବବୃହତ୍ ଆର୍ଥିକ ଶକ୍ତି ଭାରତର ରାଜଧାନୀ ଏବେ ପ୍ରଦୂଷଣ ପାଇଁ ବଦନାମ ହେବାରେ ଲାଗିଛି।

ଦିଲ୍ଲୀ ସହର ଅବସ୍ଥା ଦିନକୁ ଦିନ ଅତି ଖରାପ ଆଡ଼କୁ ଯାଉଥିବାରୁ ସୁସ୍ଥ ପରିବେଶ ଓ ନିର୍ମଳ ବାୟୁ ଖୋଜୁଥିବା ବହୁ ବ୍ୟକ୍ତି ଦିଲ୍ଲୀରୁ ପଳାଇ ଯାଉଛନ୍ତି। ନ୍ୟୁୟର୍କ ଟାଇମ୍‌ସର ଦିଲ୍ଲୀ ପ୍ରତିନିଧି ଗାର୍ଡ଼ିନେର ହାରିସ୍ ଏଠାରେ ୩ବର୍ଷ କାମ କରିବା ପରେ ଦିଲ୍ଲୀର ବିଷାକ୍ତ ପବନ ପାଇଁ ଏବେ ଭାରତ ଛାଡ଼ିବାକୁ ଯୋଜନା କରିଛନ୍ତି। ରାଜଧାନୀ ଦିଲ୍ଲୀର ପରିବେଶରେ ରହି କାମ କରିବା ତାଙ୍କ ପାଇଁ କଷ୍ଟକର ଦର୍ଶାଇ ସେ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଏକ ଆଲେଖ୍ୟରେ ଦର୍ଶାଇଛନ୍ତି। ସେ ତଥ୍ୟ ପ୍ରମାଣ ସହ ଏହି ସହର କିଭଳି ଆଗାମୀ ପିଢ଼ି ପାଇଁ ଘୋର ବିପଦର କାରଣ ହେବ ତାହା ବର୍ଣ୍ଣନା କରିଛନ୍ତି। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ନୀତି ଅକାମୀ ହୋଇଯାଇଥିବା ବେଳେ ପ୍ରଦୂଷଣ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ହାରିସ୍ ଦର୍ଶାଇଛନ୍ତି ଯେ ଦିଲ୍ଲୀର ସବୁଠାରୁ ବଡ଼ ବିପଦ ହେଉଛି ଏହାର ପାଣି, ପବନ, ଖାଦ୍ୟ ଏବଂ ମଶା। ଏକ ବିଷ ବଳୟ ଭିତରେ ମଣିଷ ଧୀରେ ଧୀରେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜୀବନଯାପନର ମାନ ସଙ୍କୁଚିତ ହେବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ରିପୋର୍ଟ ଅନୁଯାୟୀ ୨୦୧୭ରେ ୮.୭ ନିୟୁତରୁ ଅଧିକ ଲୋକ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରାଣ ହରାଇଛନ୍ତି। ଗୋଟିଏ ନିୟୁତରୁ ଅଧିକ ଲୋକ ତମାଖୁ ସେବନ ଯୋଗୁଁ ପ୍ରାଣ ହରାଇଥିବା ବେଳେ ଏଥିରୁ ୮୮ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ବୋଲି ଜଣାପଡ଼ିଛି। ଭାରତର ୩୦ରୁ ଅଧିକ ସହରର ପବନରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼ ଏବଂ ସଲଫର ଡାଇଅକ୍ସାଇଡ଼ର ମାତ୍ରା ଉଦବେଗଜନକ ଭାବେ ବଢ଼ିଯାଇଛି। ପବନରେ ୧୦ ମାଇକ୍ରୋମିଟର ଠାରୁ କମ୍ ସୂକ୍ଷ୍ମ ପଦାର୍ଥର ଅବସ୍ଥିତି ମଣିଷର ସ୍ୱାସ୍ଥ୍ୟ ପାଇଁ ବହୁତ ବଡ଼ ବିପଦ ସୃଷ୍ଟି କରିଥାଏ ଏବଂ ରାଜଧାନୀ ଦିଲ୍ଲୀ ସମେତ ଅନେକ ସହର ଏବେ ଏହି ବିପଦକୁ ମୁଣ୍ଡାଇଛି।

ମହିଳାମାନେ ବ୍ୟବହାର କରୁଥିବା ଡିସ୍‌ପୋଜେବଲ ପ୍ୟାଡ଼ ବା ସାନିଟାରି ନାପ୍‌କିନ୍ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ରୋଗ ବଢୁଥିବା ଏକ ଅଧ୍ୟୟନ ଫଳାଫଳରୁ ଜଣାପଡ଼ିଛି। ବଜାରରେ ବିକ୍ରି ହେଉଥିବା ସମସ୍ତ ଡିସପୋଜେବଲ ପ୍ୟାଡ଼ ସିନ୍ଥେଟିକ। ଏହାର ନବେ ପ୍ରତିଶତ ପ୍ଲାଷ୍ଟିକ। ଥରେ ବ୍ୟବହୃତ ହେବା ପରେ ଫୋପଡ଼ାଯାଏ। ମାଟିରେ ମିଶିବାକୁ ଲାଗେ ପାଞ୍ଚଶହରୁ ଆଠଶହ ବର୍ଷ। ଜଣେ ମହିଳା ନିଜ ଜୀବନ କାଳରେ ଅନ୍ୟୂନ ୧୬୮୦୦ଟି ଏ ଭଳି ପ୍ୟାଡ଼ ବ୍ୟବହାର କରୁଥିବା ଜଣାଯାଏ। ଅର୍ଥାତ୍ ଅଜାଣତରେ ଆମେ କେଉଁ ଭଳି ଭୁଲ କରୁଛେ ଅନୁମେୟ। ବିଶେଷ ଅନୁସନ୍ଧାନରୁ ପ୍ରକାଶ ଯେ, ୧୨ ପ୍ରତିଶତ ବା ୩.୬ କୋଟି ଭାରତୀୟ ମହିଳା ଡିସପୋଜେବଲ ପ୍ୟାଡ଼ ବ୍ୟବହାର କରନ୍ତି। ଋତୁଚକ୍ର ବେଳେ ଜଣେ ମହିଳା ଅନ୍ୟୂନ ୧୨ଟି ପ୍ୟାଡ଼ ବ୍ୟବହାର କରନ୍ତି। ଅର୍ଥାତ୍ ପ୍ରତି ମାସରେ ପଦାରେ ଫୋପଡାଯାଉଛି ୪୩.୨ କୋଟି ପ୍ୟାଡ଼। ଯଦି ପ୍ରତ୍ୟେକ ଭାରତୀୟ ମହିଳା ଏହା ବ୍ୟବହାର କରନ୍ତି ବାର୍ଷିକ ୫୮୫୦ କୋଟି ପ୍ୟାଡ଼ ଫୋପଡାହେବ। ଏହାର ପରିଣାମ ଶୁଭଙ୍କର ନୁହେଁ। ପୁଣି, ସିନ୍ଥେଟିକ ପ୍ୟାଡ଼ରେ ଡାଇଅକ୍‌ସିନ ସମେତ ଏକାଧିକ ବିଷାକ୍ତ ରାସାୟନିକ ପଦାର୍ଥ ରହୁଛି। ଏଗୁଡ଼ିକ ଡିମ୍ବାଣୁ କର୍କଟ ଓ ବନ୍ଧ୍ୟାତ୍ୱ ସୃଷ୍ଟି କରିପାରନ୍ତି। ତେଣୁ ଏ ବାବଦରେ ଅଧିକ ସତର୍କତା ଅବଲମ୍ବନ ସହ ସିନ୍ଥେଟିକ ପ୍ୟାଡ଼ ବଦଳରେ କନା ତିଆରି ପ୍ୟାଡ଼ ବା ଟାମ୍ପୁନ୍ ବା ସିଲିକନ୍ କପ ବ୍ୟବହାର କରିବା ପାଇଁ ବିଜ୍ଞାନୀମାନେ ମତ ଦେଉଛନ୍ତି।

**ଡାକ୍ତର ଶୁଭଶ୍ରୀ ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ରାଜ୍ୟରେ ଆୟୋଡ଼ିନ ସେବନ ହ୍ରାସ ପାଇଛି



ଭୁବନେଶ୍ୱର (ପିଏନ୍): ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାର ଅଭାବ ଓ ଆଇନର ସଠିକ୍ ଅନୁପାଳନ ହେଉନଥିବାରୁ ରାଜ୍ୟରେ ଆୟୋଡ଼ିନ ସେବନ ଉଦ୍‌ବେଗଜନକ ଭାବେ କମ୍ ରହିଛି। ନିକଟରେ ୟୁନିସେଫ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଜାତୀୟସ୍ତରରେ ୭୧ ପ୍ରତିଶତ ଲୋକେ ଆୟୋଡ଼ିନ୍ ଲୁଣ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ମାତ୍ର ୩୨.୪ ପ୍ରତିଶତ ଲୋକ ଏହି ଦରକାରୀ ପଦାର୍ଥ ଖାଉଛନ୍ତି। ଆମ ରାଜ୍ୟରେ ଆୟୋଡ଼ିନ୍ ବ୍ୟବହାରରେ ଏଭଳି ତାରତମ୍ୟ ଚିନ୍ତାର ବିଷୟ ହୋଇଛି। ବିଡ଼ମ୍ବନାର ବିଷୟ ଯେ, ଶରୀର ପାଇଁ ଖୁବ୍ ନଗଣ୍ୟ ପରିମାଣରେ ଆୟୋଡ଼ିନ୍ ଆବଶ୍ୟକୀୟ ହେଉଥିବା ବେଳେ ଦାରିଦ୍ର୍ୟ ଓ ସଚେତନତାର ଅଭାବ ଯୋଗୁଁ ଆମ ରାଜ୍ୟର ଅନେକଲୋକ ସେତକ ମଧ୍ୟ ସେବନ କରୁନାହାନ୍ତି। ମାନବ ଶରୀର ପାଇଁ ଦୈନିକ ମାତ୍ର ୧୫୦ ମାଇକ୍ରୋ ଗ୍ରାମ୍ ଅର୍ଥାତ୍ ଆଲପିନ୍ ମୂନରେ ମୁନେ ପରିମାଣର ଆୟୋଡ଼ିନ୍ ଦରକାର। ଏହି ହିସାବରେ ବର୍ଷକୁ ଜଣେ ବ୍ୟକ୍ତି ଏକ ଚାମଚ ଆୟୋଡ଼ିନ୍ ଖାଇଲେ ଯଥେଷ୍ଟ। ହେଲେ ଅନେକ ଲୋକ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼, ରାୟଗଡ଼ା, ମାଲକାନାଗିରି ଆଜି ବି ଆୟୋଡ଼ିନ୍ ରହିତ ଗୋଡ଼ାଲୁଣ ବ୍ୟବହାର କରୁଛନ୍ତି। କେତେକ କ୍ଷେତ୍ରରେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ ବାଧ୍ୟ ବାଧକତାରେ ଶସ୍ତା ହୋଇଥିବା ଗୋଡ଼ାଲୁଣ ଖାଉଛନ୍ତି। ଆୟୋଡ଼ିନ୍ ଏକ ପ୍ରାକୃତିକ ପଦାର୍ଥ ଯାହାକି ମାଟିରେ ମିଶିଥାଏ। ସାଧାରଣତଃ ପନିପରିବା ଓ ଶସ୍ୟ ସହ ତାହା ଶରୀରକୁ ଯାଇଥାଏ। ହେଲେ ଅନେକ ସମୟରେ ବର୍ଷା ପାଣିରେ ମାଟି ଧୋଇ ହୋଇ ଯାଉଥିବାରୁ ପରିବାରରେ ଯଥେଷ୍ଟ ମାତ୍ରାରେ ଆୟୋଡ଼ିନ୍ ମିଳିନଥାଏ। ଏଥିପାଇଁ ଅନେକ ଦେଶରେ ଭିନ୍ନ ଭିନ୍ନ ଖାଦ୍ୟ ପଦାର୍ଥରେ ସ୍ୱତନ୍ତ୍ର ଭାବେ ଆୟୋଡ଼ିନ୍ ମିଶ୍ରଣ କରାଯାଏ। ଭାରତରେ ଲୁଣ ପ୍ରାୟ ସମସ୍ତଙ୍କ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ଏଥିରେ ଆୟୋଡ଼ିନ୍ ସମ୍ମିଶ୍ରଣ କରାଯାଉଛି। ଦେଶର ଅଧିକାଂଶ ରାଜ୍ୟରେ ଆୟୋଡ଼ିନ୍ ମିଶ୍ରିତ ଲୁଣ ବିକ୍ରି ବାଧ୍ୟତାମୂଳକ କରାଯାଇଛି। ଓଡ଼ିଶାରେ ମଧ୍ୟ ୨୦୦୧ ମସିହାରୁ ଆୟୋଡ଼ିନ ରହିତ ଲୁଣ ବିକ୍ରି ନିଷିଦ୍ଧ କରାଯାଇଛି। ତଥାପି କିନ୍ତୁ ଏଠାରେ ଗ୍ରାମାଞ୍ଚଳ ଗୁଡ଼ିକରେ ଆୟୋଡ଼ିନ୍ ମିଶାଯାଇନଥିବା ଗୋଡ଼ାଲୁଣ ବିକ୍ରି ଚାଲିଛି। ଫଳରେ ପ୍ରତିବର୍ଷ ଅନେକ ଶିଶୁ ଆୟୋଡ଼ିନ୍ ଅଭାବ ଯୋଗୁଁ ଗଳଗଣ୍ଡ, କମ୍ ବୃଦ୍ଧି ଶକ୍ତି ଓ ଅନ୍ୟ ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଏହି ଦ୍ରବ୍ୟର ଅଭାବ ଯୋଗୁଁ ମଧ୍ୟ ଅନେକଙ୍କର ଗର୍ଭପାତ ଓ ମୃତ ଶିଶୁ ଜନ୍ମ ହେଉଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଏଭଳି ଆୟୋଡ଼ିନ ଅଭାବଜନିତ ରୋଗର ପ୍ରାଦୁର୍ଭାବ ବେଶି ଦେଖାଦେଉଛି। ଆୟୋଡ଼ିନ୍‌ର ଉପକାରିତା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ସରକାରଙ୍କ ସଚେତନତା ପ୍ରଚେଷ୍ଟା ସତ୍ତ୍ୱେ କିନ୍ତୁ ଅନେକଲୋକ ସୁସ୍ଥ ଶରୀର ପାଇଁ ଅପରିହାର୍ଯ୍ୟ ଆୟୋଡ଼ିନ ବ୍ୟବହାର କରୁନାହାନ୍ତି। ଯଦିଓ ଏଭଳି ଲୋକଙ୍କ ସଂଖ୍ୟା କେତେ ତାହାର ସଠିକ୍ ଆକଳନ ନାହିଁ, ୨୦୦୯ରେ ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ୧୭ଟି ଜିଲ୍ଲାରେ ଆୟୋଡ଼ିନ ଅଭାବ ବିଶେଷ ଭାବେ ପରିଲକ୍ଷିତ ହୋଇଥିଲେ। ୨୦୧୦ ମସିହାରେ କରାଯାଇଥିବା ଆଇଏସ୍‌ସିଏଫ୍ ସର୍ବେକ୍ଷଣରୁ ୫୯ ପ୍ରତିଶତ ଘରେ ଆୟୋଡ଼ିନ ଲୁଣ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ଆୟୋଡ଼ିନ୍‌ଯୁକ୍ତ ଲୁଣ ଶରୀର ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ତେଣୁ ସାଧାରଣରେ ଏ ନେଇ ସଚେତନତା ବଢ଼ିବା ନିତାନ୍ତ ଜରୁରୀ।

**(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି, ସିନିୟର ରେସିଡେଣ୍ଟ, ଭୀମସାର, ବୁର୍ଲା, ଦୂରଭାଷ : ୯୪୩୯୪୮୨୫୨୬)**

## ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର (ପିଏନ୍): ପତ୍ନୀଙ୍କ ପରକୀୟା ପ୍ରୀତିକୁ ସନ୍ଦେହ କରି ଜଣେ ଯୁବକ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅଭିଯୁକ୍ତକୁ ନୀଳଗିରି ପୁଲିସ ଗିରଫ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ଅନ୍ତର୍ଗତ ଗୋପାଳପୁର ଗ୍ରାମର ବୀରଭଦ୍ର ସିଂ (୪୦) ତାଙ୍କ ସ୍ତ୍ରୀଙ୍କର ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କର ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୋଇଥିଲା। ପତ୍ନୀଙ୍କ ସହ ସମ୍ପର୍କ ଥିବା ସନ୍ଦେହରେ ବୀରଭଦ୍ର ସେହି ଗ୍ରାମର ଗୌରବ ସିଂ (୩୨) ଓ ସୋନା ସିଂ (୨୯)ଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଦୁହେଁ ଗୁରୁତର ଆହତ ହୋଇଥିଲେ। ଗୌରବଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ କେସ୍ ନଂ ୨୮୬/୧୯ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବୀରଭଦ୍ରଙ୍କୁ କୋର୍ଟ ଚାଲାଣ କରିଛି। ଆହତ ଯୁବକଦ୍ୱୟ ଏବେ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି।

## ରାଜ୍ୟ ବିଦ୍ୟାଳୟ ସମୂହ ଦୌଡକୁଦ ଓ ସଫ୍ଟବଲ ପ୍ରତିଯୋଗିତା ଶେଷ

ବାଲେଶ୍ୱର (ପିଏନ୍): ବାଲେଶ୍ୱରରେ ଚାଲିଥିବା ୬୫ତମ ରାଜ୍ୟ ବିଦ୍ୟାଳୟ ସମୂହ ଓ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଖେଳାଯାଇଥିବା ଏହି ପ୍ରତିଯୋଗିତାର ଶେଷ ଦିନରେ ୧୪ ବର୍ଷରୁ କମ୍ (ବାଳିକା) ବର୍ଗରେ ଡିସ୍‌କସ ଥ୍ରୋ, ୧୭ ବର୍ଷରୁ କମ୍ (ବାଳକ ଓ ବାଳିକା) ବର୍ଗରେ ଟ୍ରିପଲ ଜମ୍ପ, ୮୦୦ ମିଟର ଦୌଡ ଓ ୧୦୦ ମିଟର ଦୌଡ ଅନୁଷ୍ଠିତ ହୋଇଥିଲା। ୧୭ ବର୍ଷରୁ କମ୍ ବାଳକ ବର୍ଗରେ କନ୍ଧମାଳର ଅଭି ଶିସା ଓ ବାଳିକା ବର୍ଗରେ ଭୁବନେଶ୍ୱରର ଯମୁନା ଟୁଡୁ ଏକକ ଚମ୍ପିଆନ୍ ହୋଇଥିବାବେଳେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ମାଲକାନାଗିରିର ଦୁଲା ମାଢୀ ଓ ଭୁବନେଶ୍ୱରର ସୁଭଶ୍ରୀ ପରିଡା ଏକକ ଚମ୍ପିଆନ୍ ହୋଇଛନ୍ତି। ଖ୍ରୀଷ୍ଟିଆନ୍ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶାରିରୀକ ନୀରିକ୍ଷକ ଅଶୋକ କୁମାର ନାୟକ ପୌରୋହିତ୍ୟ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଚାନ୍ଦିପୁରସ୍ଥିତ ସେଣ୍ଟ ଜାଭିୟାର ସ୍କୁଲର ଅଧ୍ୟକ୍ଷ ରାଜେନ୍ଦ୍ର କମାର ତ୍ରିପାଠୀ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ବଲପୁର ଜିଲ୍ଲା ଶାରିରୀକ ଶିକ୍ଷା ନୀରିକ୍ଷକ ସତ୍ୟନାରାୟଣ ରାୟଗୁରୁ, ଜ୍ୟୋତି ପ୍ରସାଦ ପରିଡା, ସୌଦାମିନି ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ରତିକାନ୍ତ ବେହେରା, ଚିତ୍ତରଞ୍ଜନ ପାସା, ସେଖ୍ ଅବଦୁଲ ହାସିମ୍, ବାବାଜୀଚରଣ ପାଢୀ, ପ୍ରଦୀପ୍ତ କିଶୋର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଶିକ୍ଷା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ସାମାଜିକ ସଂଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ନିକୋ ପାର୍କସ୍ଥିତ ନନ୍ଦିନୀପଲ୍ଲୀ, ମୁଣ୍ଡାସାହିରେ ଥିବା ଅନୁଷ୍ଠାନ କାର୍ଯ୍ୟାଳୟରେ ସଂଗଠନର ଅଧ୍ୟକ୍ଷ ମୀର୍ ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମଦିବସଟିକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଏ। ଅନୁଷ୍ଠାନର ସଦସ୍ୟ ବିନୋଦ କୁମାର ରାଉତ ଆବୁଲ କଲାମଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଲ୍ଲୀ ଗୁଣାତ୍ମକ ଶିକ୍ଷାକୁ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଆସିବାକୁ ଥିବା ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନା କରାଯାଇଥିଲା। ଏକ ଉତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ନିହାତି ଆବଶ୍ୟକ ହେଉଥିବା ପାଠ୍ୟ ଖସଡ଼ା, ପରୀକ୍ଷା ବ୍ୟବସ୍ଥା, ବୈଷୟିକ ଶିକ୍ଷା, ଶିକ୍ଷକଙ୍କୁ ତାଲିମ୍, ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା, ଆବଶ୍ୟକ ଅନୁଯାୟୀ ଶିକ୍ଷକ ନିଯୁକ୍ତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ପାର୍ଥକ୍ୟ, ଆଞ୍ଚଳିକ ଭାଷାକୁ ସମାନ ଭାବେ ଗୁରୁତ୍ୱ ଦେବା ପ୍ରଭୃତି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହାସ୍ୟ ଅଭିନେତା ଜ୍ଞାନ, ଅଜିତ୍ ମଣ୍ଟୁ, ଚିନ୍ମୟ ମହାପାତ୍ର, ଲୋକରଞ୍ଜନ ବେହେରା, ରାକୁ, ସୁନିଲ୍, ବିପ୍ଳବ, ନିଲୁ ପ୍ରମୁଖ ଯୋଗ ଦେଇଥିଲେ।

## ସାଇ ଜରାଶ୍ରମରେ ବୋଇତ ବନ୍ଦାଣ ଉତ୍ସବ ଏବଂ ଜୀବଜନ୍ତୁ ଓ ପ୍ରକୃତି ସୁରକ୍ଷା ପାଇଁ ମହାଯଜ୍ଞ

ଭୁବନେଶ୍ୱର (ପିଏନ୍): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରଘୁନାଥପୁର ସ୍ଥିତ ଶିରିଡି ସାଇ ସନ୍ଥ ଆଶ୍ରମ ଜରାନିବାସ ପରିସରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ବାରଙ୍ଗ ୪୮ ମଣ୍ଡଳ ସଂକୀର୍ତ୍ତନ ମଣ୍ଡଳୀ ଓ ହାଉସିଂବୋର୍ଡ ସାଇ ମନ୍ଦିର, ପଟିଆ ସାଇ ମନ୍ଦିର ଓ ରଘୁନାଥପୁର ସାଇ ମନ୍ଦିରର ସେବକମାନଙ୍କ ଦ୍ୱାରା ବାବାଙ୍କ ଚଭାଡି ଶୋଭାଯାତ୍ରା ନଗର କୀର୍ତ୍ତନ କରି ଆଶ୍ରମରେ ପହଞ୍ଚିଥିଲା। ଏହା ପରେ ମାନ୍ୟବର ବିଧାୟକ, ଉତ୍ତର ଭୁବନେଶ୍ୱର ସୁଶାନ୍ତ କୁମାର ରାଉତ ଓ ରାଜ୍ୟ ବରିଷ୍ଠ ନାଗରିକ ସଂଘର ସଭାପତି ମଧୁମାଧବ ଜେନା ଓ ଆଶ୍ରମର ସାଇଭକ୍ତ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ବ୍ରାହ୍ମଣ ପଣ୍ଡିତ, ବୁଦ୍ଧିଜୀବି ଓ ରଘୁନାଥପୁର ଗ୍ରାମବାସୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହା ପରେ ଆଶ୍ରମର ପୁଷ୍କରିଣୀରେ ଡଙ୍ଗା ଭସାଇବା ସହିତ ନୌକାବିହାର କରିଥିଲେ। ବାବାଙ୍କ ଦିବ୍ୟଲୀଳାକୁ ସ୍ମରଣ କରି ସମସ୍ତ ସାଇପ୍ରେମୀମାନେ ନାମ ସଂକୀର୍ତ୍ତନ କରିଥିଲ ଓ ଏକ ବିଶେଷ ଯଜ୍ଞର ଆୟୋଜନ କରାଯାଇଥିଲା। ଉକ୍ତ ଯଜ୍ଞରେ ପଶୁପକ୍ଷୀ ଓ ବୃକ୍ଷଲତାମାନଙ୍କ ସୁରକ୍ଷା ପାଇଁ ୧୦୦୮ ଆହୁତି ପ୍ରଦାନ କରାଯାଇଥିଲା। ପଣ୍ଡିତ ଭାସ୍କର ଚନ୍ଦ୍ର ମିଶ୍ର, ପଣ୍ଡିତ ସୁଦର୍ଶନ ଦାସ ଓ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ଯଜ୍ଞ କରିଥିଲେ। ଏହି ଉତ୍ସବରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ଆଗାମୀ ଦିନରେ ଅନେକ ଗୁଡିଏ ଫୁଲଗଛ ଲଗାଇ ପରିବେଶକୁ ସୁନ୍ଦର ଓ ସବୁଜ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ପଲିଥିନ୍ ବର୍ଜନ ଓ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପବିତ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତ, ଅଂଶୁମୋଚନ ମହାନ୍ତି, ମିହିର ରାଉତ, ଡ. ସଂଜୟ ଶତପଥି, ଶ୍ରୀ ଶୋଭାକର ଦାସ, ଫତେ ସିଂ ଅତିଥିମାନେ ଯୋଗ ଦେଇଥିଲେ। ସମାଜରେ ସେବା କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ପାଇଁ ସାମ୍ବାଦିକ ପ୍ରଦୀପ୍ତ କୁମାର ସ୍ୱାଇଁ, ଜଗନ୍ନାଥ ଭଂଜ, ଦିବ୍ୟ ମାନସିଂ ଓ ପ୍ରଦୀପ୍ତ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପାତ୍ର ଓ ସଭାପତି ଆଶିଷ ନାୟକ ପରିଚାଳନା କରିଥିଲେ। ସଂପାଦକ ବିଜୟ କୁମାର ମାର୍ଥା ଜରାଶ୍ରମ ବିଷୟରେ ସୂଚନା ଦେଇଥିଲେ ଓ ଦିଲ୍ଲୀପ କୁମାର ରାଓ ଧନ୍ୟବାଦ ଦେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication






## ସଂସଦରେ ବିରୋଧୀ ଆସନରେ ବସିବ ଶିବସେନା

ମୁମ୍ବାଇ: ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦ କୁନେଇ ବିଜେପି ସହ ବିବାଦ ପରେ ଶିବସେନା ଏବେ ସଂସଦରେ ମଧ୍ୟ ବିପକ୍ଷ ଆସନରେ ବସିବ । ରାଜ୍ୟସଭା ସୂତ୍ରରୁ ଜଣାପଡିଛି ଯେ, ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ଶିବସେନା ସାଂସଦ ସଂଜୟ ରାଉତ ଓ ଅନିଲ ଦେସାଇ ବିପକ୍ଷ ଆସନରେ ବସିବେ । ଏନଡିଏଠାରୁ ଅଲଗାହେବା ପରେ ବସିବା ବ୍ୟବସ୍ଥା ମଧ୍ୟ ବଦଳିଯାଇଛି । ନୂଆ ବ୍ୟବସ୍ଥା ଅନୁଯାୟୀ ଶିବସେନା ସାଂସଦ ସଂଜୟ ରାଉତ ଉଚ୍ଚସଦନରେ ୧୯୮ ନମ୍ବର ସିଟରେ ବସିବେ । ଏହା ପୂର୍ବରୁ ସେ ୩୮ ନମ୍ବର ଆସନରେ ବସୁଥିଲେ ।

## ଫରେଭର ନିୟୁର ବ୍ରାଣ୍ଡ ଆମ୍ବାସାଡ଼ର ହେଲେ ଡ଼ାଏନା ପେଣ୍ଟି

ଭୁବନେଶ୍ୱର: ଫରେଭର ନିୟୁ ପକ୍ଷରୁ ଭାରତରେ ଏହାର ବ୍ରାଣ୍ଡ ଆମ୍ବାସାଡ଼ାର ରୂପେ ମଡ଼େଲ ଏବଂ ଅଭିନେତ୍ରୀ, ଡ଼ାଏନା ପେଣ୍ଟିଙ୍କୁ ନିଯୁକ୍ତ କରାଯାଇଛି । ଉକ୍ତ ଘୋଷଣାକୁ ପାଳନ କରିବାକୁଯାଇ, ଡ଼ାଏନା ଏକ ଭିଡ଼ିଓରେ ଶରତ ଶୀତ ୨୦୧୯ କଲେକ୍ସନ ପ୍ରଦର୍ଶିତ କରିଛନ୍ତି । ଏଡ଼ବ୍ଲୁ ୧୯ କଲେକ୍ସନ ପୁରୁଣା ହଲିଉଡ଼ ଗ୍ଲାମରରୁ ଅନୁପ୍ରାଣିତ, ଯାହାକି ସମକାଳିକ ଅତି କ୍ଷୁଦ୍ର ଏବଂ କ୍ଲାସିକ ସୋଫିଷ୍ଟିକେସନର ଏକ ସମ୍ମିଶ୍ରଣ । ଉକ୍ତ କଲେକ୍ସନରେ ଡ଼ିପ୍ ପ୍ଲମସ, ଶିମରିଂ ଫ୍ୟାବରିକସ ଏବଂ ଡ଼ିପ୍ ଜ୍ୱଏଲଡ଼ ଟୋନର ବୈଶିଷ୍ଟ୍ୟ ରହିଛି । ଫରେଭର ନିୟୁର ଏଡ଼ବ୍ଲୁ ୧୯ କଲେକ୍ସନ ସମସ୍ତ ଫରେଭର ନିୟୁ ଷ୍ଟୋର ଏବଂ ବ୍ରାଣ୍ଡର ଅଫିସିଆଲ ୱେବସାଇଟରେ ଉପଲବ୍ଧ ହେଉଛି । ଏହି ଘୋଷଣା ପରିପ୍ରେକ୍ଷୀରେ ଡ଼ାଏନା କହିଛନ୍ତି ଯେ, 'ଫରେଭର ନିୟୁପରି ଏକ ବ୍ରାଣ୍ଡ ସହିତ ଜଡ଼ିତ ରହିବା ବାସ୍ତବରେ ଏକ ଗର୍ବର ବିଷୟ, ଯାହାକି ଆଭ୍ୟ'ରିଣ ସୌନ୍ଦର୍ଯ୍ୟ ଏବଂ ଆତ୍ମବିଶ୍ୱାସ ପାଇଁ ଦଣ୍ଡାୟମାନ ଏବଂ ଏହା ହେଉଛି ଉପଯୁକ୍ତ ଆଧୁନିକ ମହିଳା ମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ରାଣ୍ଡ । ମୁଁ ଏହି ଫରେଭର ନିୟୁ ପରିବାରର ଏକ ଅଂଶ ହୋଇପାରିଥିବାରୁ ଅତ୍ୟ' ଆନନ୍ଦିତ ଏବଂ ଏହି ସହଭାଗିତାକୁ ଆହୁରି ଆଗକୁ ନେବା ପାଇଁ ଆଶାବାଦୀ ।' ଏହି ପରିପ୍ରେକ୍ଷୀରେ ଫରେଭର ନିୟୁ ଇଣ୍ଡିଆ ପକ୍ଷରୁ ଏହାର ଦେଶ ମୁଖ୍ୟ, ଧ୍ରୁବ୍ ବୋଗ୍ରା କହିଛନ୍ତି ଯେ, 'ଆମ୍ଭେମାନେ ଏହି ସହବନ୍ଧିତାକୁନେଇ ଅତ୍ୟ' ଆନନ୍ଦିତ ।



ଇନ୍ଦୋର-ବାଂଲାଦେଶ ବିପକ୍ଷ ମ୍ୟାଚରେ ମ୍ୟାନ୍ ଅଫ୍ ଦି ପୁରସ୍କାର ସହ ମୟଙ୍କ ଅଗ୍ରୱାଲ

## କୋହିକାଠାରେ ସୌରିକ ଶିଶୁ ମହୋତ୍ସବ

ସୁକିନ୍ଦା,(ପିଏନ)-ସୁକିନ୍ଦାର କୋହିକାଠାରେ ସୌରିକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସୌରିକ ଅଂଚଳର ୧୦ଟି ଗ୍ରାମ ପଞ୍ଚାୟତର ସ୍କୁଲ ଛାତ୍ରଛାତ୍ରୀମାନଙ୍କର ବିରାଟ ସମାବେଶରେ ଶିଶୁ ଉତ୍ସବ କୋହିକା ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗଦାନ କରି ମହୋତ୍ସବର ଉଦ୍ୟୋକ୍ତା ସୁକିନ୍ଦା ରିଜନ କ୍ରୋମାଇଟ୍ ଖାଦାନ୍ ମଜଦୁର ସଂଘର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସଂଗେ ସଂଗେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପ୍ରତୀଭା ଅନ୍ୱେଷଣରେ ପ୍ରତ୍ୟେକ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବା ଉଚିତ୍ ବୋଲି ମତ ଦେଇଥିଲେ । ପୁଷ୍ପ ଉଦ୍ୟାନରେ ଶିଶୁମାନେ ଫୁଲର କଢି ସଦୃଶ । ସେମାନେ ପ୍ରସ୍ଫୁଟିତ ହେଲେ ସେମାନଙ୍କ ପ୍ରତୀଭା ବିକଶିତ ହେବା ସହ ଦୁନିଆ ହସିବ ବୋଲି ମତବ୍ୟକ୍ତ କରିଥିଲେ । ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ପାତ୍ର, ସୁକିନ୍ଦା ରିଜନ କ୍ରୋମାଇଟ୍ ଖାଦାନ୍ ମଜଦୁର ସଂଘର ସାଧାରଣ ସଂପାଦକ ନାରାୟଣ ଚନ୍ଦ୍ର ଧୀର,ପ୍ରଭାତ ରଂଜନ ପ୍ରଧାନ, ବିଜେଡିର ଆଂଚଳିକ ସଭାପତି ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର, ବ୍ଲକ ଅଧକ୍ଷା ପଦ୍ମାବତି ଜେନା, ଉପାଧକ୍ଷ ବାବୁ ବରାଳ, ରାଜ୍ୟସରକାରଙ୍କ ଉପଦେଷ୍ଟା ମନ୍ଦାକିନୀ କର, ଶର୍ମିଷ୍ଠା ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ ।

## ଦୁବାଇରେ ଓଡିଆ ପୁଅ ଅମୃତେନ୍ଦୁଙ୍କୁ ଇଣ୍ଡିଆ ଇଣ୍ଟରନ୍ୟାସ୍ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ

ଭୁବନେଶ୍ୱର; ସୋସାଇଟି ଫର୍ ଆକ୍ନୋଲଜ୍ମେଣ୍ଟ ଫର ୱାର୍କ ଏକ୍ସିଲେନ୍ସି ଦ୍ୱାରା ନିକଟରେ ଦୁବାଇରେ ଅନୁଷ୍ଠିତ ହୋଇଯାଇଥିବା ଏକ କାର୍ଯ୍ୟକ୍ରମରେ ଓଡିଶାର ଜଣେ ଯୁବ ଚଳଚିତ୍ର ନିର୍ମାତା ଅମୃତେନ୍ଦୁ ବରାଳଙ୍କୁ ଇଣ୍ଡିଆ ଇଣ୍ଟରନ୍ୟାସ୍ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ କରାଯାଇଛି । ଇଣ୍ଡିଆ ଇଣ୍ଟରନ୍ୟାସ୍ନାଲ୍ ଏକ୍ସିଲେନ୍ସି ଆୱାର୍ଡ ହେଉଛି ଏସ୍.ଏ.ଡବ୍ଲୁ.ଇର ଏକ ଅଭିନବ ପ୍ରୟାସ ଯାହା ଦ୍ୱାରା ପ୍ରତିଭାଶାଳୀ ବ୍ୟକ୍ତି ବିଷେସଙ୍କୁ ସେମାନଙ୍କର ଅସାଧାରଣ କାର୍ଯ୍ୟ ନିମନ୍ତେ ସମ୍ମାନିତ କରାଯାଇଥାଏ । ଆଇ.ଆଇ.ଇ.ଏର ଦୁବାଇ ସଂସ୍କରଣଟି ଭାରତ ରତ୍ନ ପ୍ରାପ୍ତ ଶ୍ରୀ ପ୍ରଣବ୍ ମୁଖାର୍ଜୀଙ୍କ ଦ୍ୱାରା ଦିଲ୍ଲୀ ସ୍ଥିତ ସମ୍ବିଧାନୀକ ସଭାଠାରେ ଶୁଭାରମ୍ଭ କରାଯାଇଥିଲା ଅମୃତେନ୍ଦୁଙ୍କୁ 'ଫିଲ୍ମ ମେକିଙ୍ଗ୍ ଅଫ୍ ଦ ଇୟର'ଶ୍ରେଣୀରେ ଚୟନ କରାଯାଇଥିଲା, ଯେଉଁଥିରେ ସେ ତାଙ୍କର ଡକୁମେଣ୍ଟ୍ରି ଚଳଚିତ୍ର 'ମିସନ୍ ଗଙ୍ଗେ' ପାଇଁ ଇଣ୍ଡିଆ ଇଣ୍ଟରନ୍ୟାସ୍ନାଲ୍ ଏକ୍ସିଲେନ୍ସି ଆୱାର୍ଡରେ ସମ୍ମାନିତ ହୋଇଥିଲେ । ମିସନ୍ ଗଙ୍ଗେ ଟାଟା ଷ୍ଟିଲ୍ ଆଡ୍‌ଭେନ୍‌ଚର ଫାଉଣ୍ଡେସନ୍‌ର ପ୍ରଚେଷ୍ଟାରେ ନିର୍ମିତ ହୋଇଥିବା ବେଳେ ଏହା ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ମଧ୍ୟ ପ୍ରସଂଶା ସାଉଁଟିବା ସହିତ ଗଙ୍ଗା ନଦି ତଟରୁ ୫୦ ଟନ୍ ଅବର୍ଜନା ସଫା କରିବାରେ ମଧ୍ୟ ସଫଳ ହୋଇପାରିଛି । ବଲିଉଡ୍‌ର ପ୍ରକ୍ଷାତ୍ ଅଭିନେତା ଶ୍ରୀ ଅନିଲ୍ କପୁର ଏବଂ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ସାହେଦ୍ ସାହାନୱାଜ୍ ହୁସେନ୍‌ଙ୍କ ଠାରୁ ଆୱାର୍ଡ ଗ୍ରହଣ କରିଥିଲେ ଅମୃତେନ୍ଦୁ । 'ମୋ କଠିନ ପରିଶ୍ରମକୁ ସିକୃତି ମିଳିଥିବାରୁ ମୁଁ ଇଣ୍ଡିଆ ଇ???ରନ୍ୟାସ୍ନାଲ୍ ଏକ୍ସିଲେନ୍ସି ଆୱାର୍ଡ ଏବଂ ଏସ୍.ଏ.ଡବ୍ଲୁ.ଇକୁ ହୃଦୟର ସହିତ ଧନ୍ୟବାଦ୍ ଦେଉଛି । ମୁଁ ମୋ ଓଡିଶାକୁ ଏକ ଆନ୍ତର୍ଜାତିୟ ସ୍ତରରେ ପ୍ରତିନିଧିତ୍ୱ କରିପାରିଛି ସେଥିପାଇଁ ଗର୍ବିତ ଏବଂ ଏହି ଯାତ୍ରାରେ ମୋର ଉପଦେଷ୍ଟା ପଦ୍ମ ଭୁଶଣ ବୀରେନ୍ଦ୍ର ପାଲ୍ ବୋଲି ଅମୃତେନ୍ଦୁ କହିଛନ୍ତି ।'ପୁର୍ବରୁ ଅମୃତେନ୍ଦୁ ଓଡିଶା ସରକାଙ୍କ ଦ୍ୱାରା ପ୍ରେଜୋଯିତ ଡକୁମେଣ୍ଟ୍ରି ଚଳଚିତ 'ବିଜୁ ପଟ୍ଟନାୟକ ହିମାଳୟାନ୍'ରେ ମଧ୍ୟ ନିଜର ପ୍ରତିଭା ଦେଖାଇ ସାରିଥିଲେ ।

## କିଟ୍‌ରେ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା




ଭୁବନେଶ୍ୱର(ପିଏନ) : କିଟ୍ ଲ ସ୍କୁଲ୍ ପକ୍ଷରୁ ଶନିବାର ଦୁଇଦିନିଆ ପ୍ରଥମ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ଲୋକସଭା ସାଂସଦ ସୁରେଶ ପୂଜାରୀ, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଏବଂ ବିଧାୟକ ତଥା ଦୈନିକ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବହୁ ସଂଖ୍ୟାରେ ପ୍ରତିଭାବାନ ଯୁବକ ଓ ଯୁବତୀମାନେ ସଂସଦକୁ ଯିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ପଟ୍ଟନାୟକ କହିଲେ, ସଂସଦର ନିଷ୍ପତ୍ତି ଦେଶର ନିଷ୍ପତ୍ତି । ସଂସଦ ହେଉଛି ଦେଶର ସ୍ୱର । ତେଣୁ ସଂସଦରେ ଯାହା କିଛି ନିଷ୍ପତ୍ତି ହୁଏ, ତାହା ଆମ ପାଇଁ ଆଇନ ହୋଇଥାଏ । ବର୍ତ୍ତମାନ ସମୟରେ ପ୍ରଯୁକ୍ତି ବିଦ୍ୟା ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗୀ ହୋଇପଡ଼ିଛି । ପ୍ରଯୁକ୍ତି ବିଦ୍ୟାର ବିନିଯୋଗରେ ଆମ ଦେଶର ସଂସଦ କିଭଳି ସମସ୍ତଙ୍କ ପାଇଁ ପହଞ୍ଚ ଏବଂ ମୁକ୍ତ ସଂସଦ ହୋଇପାରିବ ସେଥିପାଇଁ ଛାତ୍ରଛାତ୍ରୀମାନେ ଚିନ୍ତା କରିବାକୁ ସେ ଆହ୍ୱାନ ଦେଇଥିଲେ । ଶ୍ରୀ ପୂଜାରୀ କହିଲେ, ଦେଶର ଭାଗ୍ୟ ସଂସଦ ଦ୍ୱାରା ପରିଚାଳିତ । ଏବେ ଗଣତନ୍ତ୍ରର ସଂଜ୍ଞା ପରିବର୍ତ୍ତନ ହୋଇଛି । ପୂର୍ବରୁ ସମାଜର ଜ୍ଞାନୀ ଓ ବିଦ୍ୱାନ ଲୋକମାନେ ସଂସଦକୁ ନିର୍ବାଚିତ ହୋଇ ଯାଉଥିଲେ । ଏବେ କିନ୍ତୁ ଏମାନଙ୍କ ପକ୍ଷେ ନିର୍ବାଚନ ଜିତିବା କଷ୍ଟକର ବ୍ୟାପାର ବୋଲି ସେ କହିଥିଲେ । ସମାଜ ଏବଂ ରାଜନୀତିରେ ନୈତିକତା ହ୍ରାସ ପାଇଛି । ଏବେ ପ୍ରତିଭାବାନ୍ ଯୁବକମାନେ ବହୁ ସଂଖ୍ୟାରେ ସଂସଦକୁ ନିର୍ବାଚିତ ହେବାର ସମୟ ଆସିଛି । ରାଜନୀତିକୁ ଉଚ୍ଚଶିକ୍ଷିତ ଓ ପ୍ରତିଭାବାନ ଯୁବକମାନେ ଆସିବା ଉଚିତ ବୋଲି ସେ କହିଥିଲେ । ବର୍ତ୍ତମାନର ଯୁଗ ହେଉଛି ଯୁବବର୍ଗଙ୍କ ଯୁଗ ବୋଲି ଡ. ପାତ୍ର କହିଥିଲେ । ସେ କହିଲେ, ଆମ ଦେଶର ସଂସଦ ହେଉଛି ଗଣତନ୍ତ୍ରର ମନ୍ଦିର । ଆମ ସଂସଦରେ ଭାରସାମ୍ୟ ରକ୍ଷା କରିବା ପାଇଁ ଶାସକଦଳ ଓ ବିରୋଧୀ ଦଳ ରହିଛି । ଏହା ହେଉଛି ଆମ ସଂସଦର ସୌନ୍ଦର୍ଯ୍ୟ । ସଂସଦରେ ସବୁବେଳେ ସ୍ୱଚ୍ଛ ଓ ଠିକ୍ ତର୍କ ତଥା ଆଲୋଚନା ହେବା ଉଚିତ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, କିଟ୍ ଲ ସ୍କୁଲ୍‌ର ନିର୍ଦ୍ଦେଶକ ପ୍ରଫେସର ଏସ୍ ସି ରାଇନା, କିଟ୍ ଜାତୀୟ ଯୁବ ସଂସଦ ପ୍ରତିଯୋଗିତାର ଫାକଲଟି ଯୁଗ୍ମ ଆବାହକ ଡ. ବିନିତା ବେହେରା ଉପସ୍ଥିତ ଥିଲେ । ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ବିଶ୍ୱବିଦ୍ୟାଳୟରୁ ବହୁ ଛାତ୍ର ପ୍ରତିନିଧି ଭାଗ ନେଇଛନ୍ତି । ଏଥିରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇ ବିଲ୍ ପ୍ରସ୍ତୁତ କରାଯିବ ଏବଂ ସେଗୁଡ଼ିକୁ ସଂସଦକୁ ପଠାଯିବାର କାର୍ଯ୍ୟକ୍ରମ ରହିଛି ।

## ଗୁଗୁଲ୍ ଲେନ୍ସ କ୍ୟାମେରା ସହିତ ସାଓମି ପକ୍ଷରୁ ରେଡ଼ମି ୮ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ନମ୍ବର ୧ ସ୍ମାର୍ଟଫୋନ୍ ତଥା ସ୍ମାର୍ଟ ଟିଭି ବ୍ରାଣ୍ଡ ସାଓମି ଏହାର ରେଡ଼ମି ସିରିଜ୍‌ରେ ରେଡ଼ମି ୮କୁ ସଂଯୋଗ କରିଛି । ସମସ୍ତ ପ୍ରକାରର ଅନୁଭୂତି ପ୍ରଦାନ କରିବା ନିମନ୍ତେ ଏହି ସେଗ୍‌ମେଣ୍ଟର ସ୍ମାର୍ଟଫୋନ୍‌ରେ ରେଡ଼ମି ୮ ପ୍ରଥମ କରି ୪ ଜିବି ର୍‍ୟାମ୍ ଓ ୬୪ ଜିବି ଷ୍ଟୋରେଜ୍ ସହିତ ଆସୁଛି । ଏଥିରେ ଏକ ୧୨ ଏମ୍‌ପି ସୋନୀ ଆଇଏମ୍ଏକ୍ସ୩୬୩ ଦୁଇଟି କ୍ୟାମେରା ସେଟ୍‌ଅପ୍, ଦୁଇଦିନ ଚାର୍ଜ ରଖୁଥିବା ୫୦୦୦ ମେଗାହର୍ଜର ଏକ ବୃହତ ବ୍ୟାଟେରୀ, ରେଡ଼ମି ୭ର ମାଇକ୍ରୋ ୟୁଏସ୍‌ବି ପୋର୍ଟରୁ ଆସିଥିବା ଏକ ୟୁଏସ୍‌ବି ଟାଇପ୍ ସି ପୋର୍ଟ ରହିଛି ଏବଂ ଏହା ୧୮ ୱାଟ୍ ଦ୍ରୁତ ଚାର୍ଜିଂ ଭଳି ଆହୁରି ଅନେକ ବୈଶିଷ୍ଟ୍ୟରେ ବ୍ୟବସ୍ଥିତ ହୋଇ ଆସିଛି । ଏହାର ୩ଜିବି + ୩୨ ଜିବି ଓ ୪ ଜିବି + ୬୪ ଜିବି ବିଶିଷ୍ଟ ଦୁଇଟିଯାକ ସଂସ୍କରଣ ଯଥାକ୍ରମେ ୭,୯୯୯ ଟଙ୍କା ଓ ୮,୯୯୯ ଟଙ୍କା ରହିଛି । ପାଞ୍ଚ ବର୍ଷ ମଧ୍ୟରେ ଭାରତରେ ୧୦୦ ନିୟୁତରୁ ଅଧିକ ସ୍ମାର୍ଟଫୋନ ବିକ୍ରୟ ସହ ଭାରତରେ ୫ ବର୍ଷର ପୂର୍ତ୍ତିକୁ ପାଳନ କରିବା ସହ ସାଓମି ଇଣ୍ଡିଆ ଏହାର ଏମଆଇ ପ୍ରଶଂସକ ମାନଙ୍କୁ ଟ.୫୦୦/- ମୂଲ୍ୟର ଉପହାର ପ୍ରଦାନ କରୁଛି । ଏଭଳି କରିବା ଦ୍ୱାରା ରେଡମି ୮ କିଣୁଥିବା ପ୍ରଥମ ୫ ନିୟୁତ କ୍ରେତାମାନେ ୪ଜିବି + ୬୪ ଜିବି ସଂସ୍କରଣକୁ ମାତ୍ର ଟ. ୭,୯୯୯ରେ କିଣିବାକୁ ସମର୍ଥ ହୋଇ ପାରିବେ ।

## ହେଲୋ ମଂଚରେ ସୈଫ ଅଲ୍ଲୀ ଖାଁ

ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଅନଲାଇନ୍ ସାମାଜିକ ଗଣମାଧ୍ୟମ ମଞ୍ଚ ହେଲୋର ଅନଲାଇନ୍ ସୋ' 'ଫ୍ରାଇଡ଼େ ଫିଭର'ରେ ସୈଫ ଅଲ୍ଲୀ ଖାଁ ନିଜର ଆଗାମୀ ଚଳଚ୍ଚିତ୍ର 'ଲାଲ କପ୍ଟାନ' ସଂପର୍କରେ ନିଜର ଅନୁଭବ ପରିପ୍ରକାଶ କରିଛନ୍ତି । ଏହି ଚଳଚ୍ଚିତ୍ର ପାଇଁ ଦେଶରେ ପ୍ରବଳ ଉତ୍ସୁକତା ପ୍ରକାଶ ପାଇଛି । 'ଫ୍ରାଇଡ଼େ ଫିଭର' ଏକ ଅନଲାଇନ୍ ସୋ' ଯେଉଁଥିରେ ହେଲୋ ଏହାର ଗ୍ରାହକଙ୍କୁ ପ୍ରିୟ ଅଭିନେତାଙ୍କ ନିକଟବର୍ତ୍ତୀ କରାଇବାରେ ସହାୟକ ହୋଇଥାଏ । ଏହି ମଞ୍ଚରେ ଅଭିନେତା ନିଜ ଅନୁଭବ ପରିପ୍ରକାଶ କରିବା ସହ ଚଳଚ୍ଚିତ୍ରରୁ ସେ କଣ ଆଶା କରୁଛନ୍ତି ସେସଂପର୍କରେ ମତବିନିମୟ କରିଥାନ୍ତି । ଚଳଚ୍ଚିତ୍ର ରିଲିଜ ହେବା ପୂର୍ବରୁ ଫ୍ରାଇଡ଼େ ଫିଭରରେ ଏକାଧିକ କୌତୁକିଆ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ବିଗତ ଫ୍ରାଇଡ଼େ ଫିଭରରେ ସୈଫ ଅଲ୍ଲୀ ଖାଁ ଚଳଚ୍ଚିତ୍ର ସୁଟିଂ ସମୟର କିଛି ଘଟଣା ଓ ଅଭିନୟ ଆଦି ସଂପର୍କରେ ନିଜ ଅନୁଭୂତି ହେଲୋ ମଞ୍ଚରେ ଗ୍ରାହକଙ୍କ ସହ ବିନିମୟ କରିବେ । 'ଲାଲ କପ୍ଟାନ' ଆସନ୍ତା ୧୮ ତାରିଖରେ ଦେଶରେ ରିଲିଜ ହେବ । ଚଳଚ୍ଚିତ୍ରର ପାଣ୍ଡୁଲିପି ପ୍ରଥମେ ପଢ଼ିବା ପରେ ପ୍ରତିକ୍ରିୟା , ୱେବ ସିରିଜ ସାକ୍ରେଡ଼ ଗେମରେ ତାଙ୍କର ଯୋଗଦାନ, ଦୁଷ୍ଟ ବାଳକ ଲଙ୍ଗଡ଼ା ତ୍ୟାଗୀ ଭୂମିକାରେ ଅଭିନୟ ଆଦି ସଂପର୍କିତ ଏକାଧିକ ପ୍ରଶ୍ନର ଉତ୍ତର ସେ ପ୍ରଦାନ କରିଛନ୍ତି । ଦୁଷ୍ଟ ବାଳକ ଭୂମିକାରେ ଅଭିନୟ ତାଙ୍କ ପାଇଁ ଆମୋଦଦାୟକ ଏବଂ ଜୋକର ଭୂମିକାରେ ଅଭିନୟକୁ ସେ ପସନ୍ଦ କରିବେ ବୋଲି କହିଛନ୍ତି । ତାଙ୍କ ସନ୍ତାନଙ୍କ ସଂପର୍କରେ ପ୍ରଶ୍ନ ପଚାରିବାରୁ ଗଣମାଧ୍ୟମ ନିବୃତ୍ତ ରହିବାକୁ ସେ ଅନୁରୋଧ କରିଛନ୍ତି ।

## କାନନ୍‌ବିହାର ମହିଳା ୱେଲଫେୟାର ଆସୋସିଏସନର ସାଧାରଣ ବୈଠକ

ଭୁବନେଶ୍ୱର,(ପିଏନ)-ଶ୍ରୀମତୀ ସରୋଜିନୀ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାନନ୍‌ବିହାର କଲୋନୀରେ ୬୦ଜଣ ମହିଳା ଏହି ସଭାରେ ଯୋଗଦାନ କରି ଏକ୍‌ଜ୍ୟୁଟିଭ କମିଟିର ସଭ୍ୟାମାନଙ୍କୁ ନିର୍ବାଚନ କରିଥିଲେ । ନିମ୍ନଲିଖିତ ସଭ୍ୟାମାନେ ନିର୍ବାଚିତ ହେଲେ-ଶ୍ରୀମତୀ ସଂଘମିତ୍ରା ସାହୁ- Chair Person, ଶ୍ରୀମତୀ ସରୋଜିନୀ ନନ୍ଦ- President, ଶ୍ରୀମତୀ ସ୍ନିଗ୍ଧା ପାଣିଗ୍ରାହି-Secretary Adm, ଶ୍ରୀମତୀ ସବିତା ପତି-Secretary Culture, ଡଃ କଳ୍ପନା ମିଶ୍ର-Vice President , ଶ୍ରୀମତୀ ସୁବାସିନ୍ ଦେଶ୍ରା-Joint Secretary



ଶ୍ରୀମତୀ ସୌଦାମିନି ଜେନା-Treasure, ଶ୍ରୀମତୀ ପ୍ରଭାତି ସ୍ୱାଇଁ- Joint Treasure, ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, MCA Central, ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ଗଉଇ, ଉତ୍ତର ଭୁବନେଶ୍ୱର,ପ୍ରଫେସର ରବିନ୍ଦ୍ର ନାଥ ପତି,ଆଡ୍‌ଭୋକେଟ୍,ହାଇକୋଟ ପାର୍ଟନ ଭାବେ ମନୋନିତ ହୋଇଛନ୍ତି । ଶ୍ରୀମତୀ ସଂଯୁକ୍ତା ମହାନ୍ତି, Vice President BJD Women Forum ଶ୍ରୀମତୀ ଏଲିନା ଦାଶ, BJD Women Forum, ଶ୍ରୀମତୀ ବାସନ୍ତି ମାଝି ,ଓଡିଶା ମହିଳା କମିଶନର ସଦସ୍ୟା ଆଡ୍‌ଭାଇଜର ଭାବେ ମନୋନିତ ହୋଇଛନ୍ତି । ଏହି ମହିଳା ଆସୋସିଏସନ କନନ୍ ବିହାର ଫେଜ୍-୧ Colony ରେ ରକ୍ତଦାନ ଶିବିର,କଲୋନି ସୌନ୍ଦର୍ଯ୍ୟ କରଣ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ । ଓଡିଶା ସରକାରଙ୍କ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଯୋଜନା ଏହି ମହିଳା ସଙ୍ଗଠନ କାନନ୍ ବିହାରରେ କାର୍ଯ୍ୟକାରୀ କରିବ ।

## ବିଆର ଲାଇଫ କଳିଙ୍ଗ ହସ୍ପିଟାଲ୍ ଡାକ୍ତର ମାନଙ୍କ ଦ୍ୱାରା ଓଡ଼ିଶାରେ ପ୍ରଥମ ଲିଭର୍ ସିରୋସିସ୍ ପାଇଁ ସଫଳ ଟ୍ରାନ୍ସଜୁଗୁଲାର୍ ଇଣ୍ଟ୍ରାହେପାଟିକ୍ ପୋର୍ଟୋସିଷ୍ଟମିକ୍ ସଣ୍ଟ (ଟିଆଇପିଏସ୍) ଚିକିତ୍ସା

ଭୁବନେଶ୍ୱର: ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍ ପକ୍ଷରୁ ଓଡ଼ିଶାରେ ପ୍ରଥମ ଥର ଟ୍ରାନ୍ସଜୁଗୁଲାର ଇଣ୍ଟ୍ରାହେପାଟିକ୍ ପୋର୍ଟୋସିଷ୍ଟମିକ୍ ସଣ୍ଟର ବ୍ୟବହାର କରି ଜଣେ ୪୬ ବର୍ଷୀୟ ରୋଗୀଙ୍କର କ୍ରୋନିକ୍ ସିରୋସିକ୍ ଲିଭରକୁ ସଫଳ ଚିକିତ୍ସା କରାଯାଇ ପାରିଛି । କ୍ରୋନିକ୍ ଆଲ୍‌କୋହଲିକ୍ ଲିଭର୍ ସିରୋସିସ୍‌ରେ ପିଡ଼ିତ ସୁବ୍ରୋତୋ ଦାସ (ଛଦ୍ମ ନାମ)ଙ୍କଠାରେ ଜଣ୍ଡିସ୍, ପେଟ କାଟିବା ଏବଂ ରକ୍ତ ବାିଁ ଭଳି ଲକ୍ଷଣ ଦେଖାଯାଇଥିଲା । ବିଭିନ୍ନ ପରୀକ୍ଷାରୁ ତାଙ୍କ ତଳିପେଟରେ ୩ ଲିଟର ତରଳ ପଦାର୍ଥ ରହିଥିବାର ଜଣାପଡ଼ିଥିଲା । ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍‌କୁ ଆସିବା ପୂର୍ବରୁ ଅନ୍ୟ ଡାକ୍ତରଙ୍କ ପରାମର୍ଶ ବା ଚିକିତ୍ସା ଅଧିନରେଥିବା ସମୟରେ ତାଙ୍କ ତଳିପେଟରୁ ଦୁଇ ଦୁଇ ଥର ତରଳ ପଦାର୍ଥ ବାହାର କରାଯାଇଥିଲା । ଯାହାହେଉ ସେ ସୁସ୍ଥ ହେଲେ ଓ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖାଗଲା । ଯେହେତୁ ପାରମ୍ପରିକ ଚିକିତ୍ସା ପଦ୍ଧତି ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ କୌଣସି ପ୍ରକାର ଉନ୍ନତି ଆଣିପାରିଲା ନାହିଁ, ତେଣୁ ଡା. ଶିବଶଙ୍କର ଦଳାଇ, ବରିଷ୍ଠ ପରାମର୍ଶଦାତା - ଭାସ୍କୁଲାର୍ ଆଣ୍ଡ ଇଣ୍ଟ୍ରାଭେନ୍ସନାଲ୍ ରେଡିଓଲୋଜିଷ୍ଟ, ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍ ଏବଂ ଡା.ସଂଘମିତ୍ରା ମିଶ୍ର, ଏଚ୍‌ଓଡି - ଆନେସ୍ଥେସିଆ ବିଭାଗ, ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍ ଟିଆଇପିଏସ୍ (ଟ୍ରାନ୍ସଜୁଗୁଲାର୍ ଇଣ୍ଟ୍ରାହେପାଟିକ୍ ପୋର୍ଟୋସିଷ୍ଟମିକ୍ ସଣ୍ଟ) ସର୍ଜରି କଲେ । ଏହି ଚିକିତ୍ସା ସମ୍ପର୍କରେ, ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍‌ର ବରିଷ୍ଠ ପରାମର୍ଶଦାତା ତଥା ଭାସ୍କୁଲାର୍ ଆଣ୍ଡ ଇଣ୍ଟ୍ରାଭେନ୍ସନାଲ୍ ରେଡିଓଲୋଜିଷ୍ଟ ଡା. ଶିବଶଙ୍କର ଦଳାଇ କହିଛନ୍ତି ଯେ, 'ଟ୍ରାନ୍ସଜୁଗୁଲାର୍ ଇଣ୍ଟ୍ରାହେପାଟିକ୍ ପୋର୍ଟୋସିଷ୍ଟମିକ୍ ସଣ୍ଟ (ଟିଆଇପିଏସ୍) ହେଉଛି ଏକ ପ୍ରକ୍ରିୟା, ଯାହାକୁ ପୋର୍ଟାଲ୍ ହାଇପର୍‌ଟେନ୍‌ସନ୍ ଓ ଏହାର ଜଟିଳତାକୁ ହ୍ରାସ କରିବା ପାଇଁ, ବିଶେଷ କରି ଭେରିସିଆଲ୍ ବ୍ଲିଡିଂ ପାଇଁ ବ୍ୟବହାର କରାଯାଇଥାଏ । ଏହି ପ୍ରକ୍ରିୟାରେ ଆମେ ଯକୃତ ଶିରାରେ ଏକ କ୍ଷୁଦ୍ର ଓ୍ୟାର୍ ମେସ୍ କଏଲ୍ (ଷ୍ଟେଣ୍ଟ) ସ୍ଥାପିତ କରିଥାଉ । ଏହାପରେ ଏକ କ୍ଷୁଦ୍ର ଫୁଲି ପାରୁଥିବା ବେଲୁନ୍ (ଆଂଓପ୍ଲାଷ୍ଟି)ବ୍ୟବହାର କରି ଷ୍ଟେଣ୍ଟ ସଂପ୍ରସାରିତ ହୋଇଥାଏ । ଏହି ଷ୍ଟେଣ୍ଟ ଏକ ଚ୍ୟାନେଲ ସୃଷ୍ଟି କରିଥାଏ, ଯାହା ଯକୃତ ଦେଇ ଗତି କରିଥାଏ । ଏହି ଚ୍ୟାନେଲ୍ ପୋର୍ଟାଲ୍ ଭେନରେ ଚାପକୁ କମାଇଥାଏ ଏବଂ ପୋର୍ଟାଲ୍ ହାଇପର୍‌ଟେନ୍ସନ୍‌କୁ କମାଇବା ଦ୍ୱାରା ସଂପ୍ରସାରିତ ଶିରା (ଭେରିସିଜ୍)ରେ ଆଘାତ ଓ ରକ୍ତ ସ୍ରାବକୁ କମ୍ କରିଥାଏ । ଏହା ସହିତ, ଆମେ ତଳିପେଟରେ ଜମାହୋଇ ରହିଥିବା ତିନି ଲିଟର୍ ତରଳକୁ ପଦାର୍ଥକୁ ମଧ୍ୟ ବାହାର କଲୁ ।' ଲିଭର୍ କିରୋସିସ୍ ଏପରି ଏକ ରୋଗ, ଯାହାକି ଏକ ଅପରିବର୍ତ୍ତନୀୟ ଯକୃତ ଚିହ୍ନ ଓ ଯକୃତ କୋଷ ଚିରଦିନ ନଷ୍ଟ ହେବା ଦ୍ୱାରା ହୋଇଥାଏ । ଏହା ଏକ ସାଧାରଣ ରୋଗରେ ପରିଣତ ହୋଇଛି, ଯେଉଁଥିରେ ଭାରତରେ ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷ ନୂତନ ରୋଗୀ ଲିଭର୍ କିରୋସିସ୍‌ରେ ଚିକିତ୍ସିତ ହେଉଛନ୍ତି । ପୂର୍ବରୁ ଏହି ରୋଗର ପ୍ରାଥମିକ ଲକ୍ଷଣଗୁଡ଼ିକ ମଧ୍ୟରେ ହେପାଟାଇଟିସ୍ ବି ଓ ସି ରହିଥିବାବେଳେ ବର୍ତ୍ତମାନ କିଁୁ ପ୍ରାଥମିକ ଭାବେ ଏହା ମାଦକଦ୍ରବ୍ୟ ସେବନ ଓ ମାଦକଦ୍ରବ୍ୟ ବିହୀନ ଫ୍ୟାଟି ଯକୃତ ରୋଗ ଯୋଗୁଁ ହେଉଛି । ଦେଶରେ ଏହି ରୋଗର ଗତିଶୀଳତାରେ ବୃଦ୍ଧି ହେଉଥିବାରୁ, ଏହା ଆଜିକାଲି ଏକ ଅତି ସାଧାରଣ ଜୀବନଶୈଳୀ ଭିତ୍ତିକ ରୋଗରେ ପରିଗଣିତ ହେବାକୁ ଯାଉଛି । ସୁବ୍ରୋତୋ ଗତ ୧୦-୧୫ ବର୍ଷ ଧରି ଆଲ୍‌କହଲ୍ ଗ୍ରହଣ କରିଆସୁଥିଲେ, ଯାହାଦ୍ୱାରା ଯକୃତ ଟାଣ ହେବାରେ ଲାଗିଲା । ଏହାଦ୍ୱାରା ଯକୃତକୁ ରକ୍ତପ୍ରବାହ କମିବାରେ ଲାଗିଲା । ଏହା ସ୍ପ୍ଲେନ୍ ଭେନ୍ (ଏକ ରକ୍ତନଳୀ, ଯାହା ସ୍ପ୍ଲିନ୍‌ରୁ ଯକୃତକୁ ରକ୍ତ ଯୋଗାଇଥାଏ) ଓ ପାଚନ ବ୍ୟବସ୍ଥା ଉପରେ ଚାପ ପକାଇବା ଦ୍ୱାରା ରକ୍ତରୁ ଏକ ତରଳ ପଦାର୍ଥ ନିର୍ଗତ ହୋଇଥାଏ ଏବଂ ଏହା ତଳିପେଟରେ ଜମା ହୋଇଥାଏ । ଏହି ରୋଗରେ ସମ୍ମୁଖୀନ ହବାକୁ ପଡୁଥିବା ଅସୁବିଧା ବିଷୟରେ, ଶ୍ରୀଯୁକ୍ତ ସୁବ୍ରୋତୋ ଦାସ କହିଛନ୍ତି, 'ମୁଁ ଗତ ୩ ବର୍ଷ ଧରି କ୍ରୋନିକ୍ ଲିଭର୍ କିରୋସିସ୍‌ରେ ପିଡ଼ିତ ଥିଲି, ଯାହାଦ୍ୱାରା ମୋତେ ଭୋକ ହେଉ ନଥିଲା ଏବଂ ମୋର ବୁନ୍ଦାଏ ପାଣି ପିଇବାକୁ ମଧ୍ୟ ଇଚ୍ଛା ହେଉ ନଥିଲା । ମୋର ପେଟର ଆକାର ବୃଦ୍ଧି ମଧ୍ୟ ହେଉଥିଲା । ଅନୁସନ୍ଧାନ ପରେ ଜନାପଡ଼ିଲା ଯେ, ପ୍ରାୟ ୩ ଲିଟର ତରଳ ପଦାର୍ଥ ମୋ ପେଟରେ ଜମା ହୋଇ ରହିଛି ଏବଂ ଗତ ବର୍ଷ ଚିକିତ୍ସା ପାଇଁ ମୁଁ ଦୁଇଥର ହସ୍ପିଟାଲ୍‌ରେ ଭର୍ତ୍ତୀ ହୋଇଥିଲି । କିଁୁ ଏହାକୁ ସବୁବେଳେ ପୁନଃନିଦାନ କରିବାକୁ ପଡ଼ିଲା । ଏପରିକି ମୋର ରକ୍ତ ବାିଁ ହେବା ମଧ୍ୟ ଆରମ୍ଭ ହେଲା ଏବଂ ମୁଁ ଆରୋଗ୍ୟ ହେବା ନିମନ୍ତେ ଆଶା ରଖି ନଥିଲି । କିଁୁ ପରେ ମୋତେ ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍‌କୁ ପରାମର୍ଶ କରାଗଲା ଏବଂ ସେଠାରେ ଡା. ଶିବଶଙ୍କର ଦଳାଇ ମୋର ଚିକିତ୍ସା କଲେ ଓ ମୋତେ ଆରୋଗ୍ୟ କରାଇଲେ । ମୁଁ ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍ ଓ ଡାକ୍ତରମାନଙ୍କ ଦଳକୁ ଧନ୍ୟବାଦ ଅର୍ପଣ କରୁଛି, ଯିଏକି ମୋତେ ଏକ ନୂତନ ଜୀବନ ପ୍ରଦାନ କଲେ । ମୁଁ ପ୍ରତିଜ୍ଞା କରୁଛି ଯେ, ଜୀବନରେ କେବେହେଲେ ଆଲ୍‌କୋହଲ୍ ଗ୍ରହଣ କରିବି ନାହିଁ ।'

## ଟେକ୍ନୋ ଆଣିଲା ଭାରତର ବଜେଟ ସ୍ମାର୍ଟଫୋନରେ ବିପ୍ଳବ ସହିତ କାମନ ୧୨ଏୟାର ୧୦୦୦୦ ରୁ କମରେ ପ୍ରଥମ ଏବଂ ଏକମାତ୍ର ଡଟ୍ ଇନ ଡିସପ୍ଲେ ଫୋନ

ଭୁବନେଶ୍ୱର : ଟେକ୍ନୋ କାମନ ୧୨ଏୟାର ୬.୫୫'ଏଚଡି+ ଡଟଇନ ଡିସପ୍ଲେ, ଏଆଇ ଟ୍ରିପଲ ରିୟର କ୍ୟାମେରା ୧୬ ଏମପି+୨ଏମପି+୫ଏମପି, ୪ଜିବି ରାମ୍, ୪୦୦୦ଏମଏଏଚ ବ୍ୟାଟେରୀ ଓ ୬୪ଜିବି ରମ୍ କେବଳ ୯୯୯୯ ଟଙ୍କାରେ ଉପଲବ୍ଧ ଟ୍ରାନସିସନ ଇଣ୍ଡିଆର ପ୍ରିମିୟମ ସ୍ମାର୍ଟଫୋନ ବ୍ରାଣ୍ଡ ଟେକ୍ନୋ ପକ୍ଷରୁ ଯୁବବର୍ଗଙ୍କୁ ସୁଲଭ ମୁଲ୍ୟରେ ଅଧିକ ଅନୁଭବ ପ୍ରଦାନ କରିବା ପାଇଁ ମାତ୍ର ୯୯୯୯ ଟଙ୍କାରେ କ୍ରାିଁକାରୀ ଡଟଇନ ଡିସପ୍ଲେ ସେଲ୍ଫି କ୍ୟାମେରା ବଜାରରେ ଉପଲବ୍ଧ କରାଯାଇଛି । ଗତମାସ ବ୍ରାଣ୍ଡ ପକ୍ଷରୁ ଏହାର ସର୍ବାଧିକ ବିକ୍ରି ହେଉଥିବା 'ସ୍ପାର୍କ' ସିରିଜ ଏଂଟ୍ରି ଲେବଲ ବିଭାଗରେ ୩ଟି ଫୋନ ଯଥା ଟେକ୍ନୋ ସ୍ପାର୍କ ଗୋ, ଟେକ୍ନୋ ସ୍ପାର୍କ ୪ ଏବଂ ଟେକ୍ନୋ ସ୍ପାର୍କ ୪ ଏୟାର ପ୍ରବେଶ କରାଯାଇଥିଲା । ଏହି ସବୁ ସ୍ମାର୍ଟଫୋନ ୫୦୦୦ ଟଙ୍କାରୁ ୯୦୦୦ଟଙ୍କା ମଧ୍ୟରେ ହୋଇଥିବା ବେଳେ ଗ୍ରାହକ ମାନଙ୍କ ଦ୍ୱାରା ବେଶ ଆଦୃତ ହୋଇ ଏହାର ଚାହିଦାରେ ଦୃତ ଅଭିବୃଦ୍ଧି ଘଟିଛି । ଏହି ବର୍ଗର ପ୍ରଥମ ମୋବାଇଲ ଫୋନ ଭାବରେ ଟେକ୍ନୋ କାମନ ୧୨ ଏୟାରରେ ୬.୫୫ ଇଂଚ ଡଟଇନ ଡିସପ୍ଲେ , ଏଆଇ ସଂଚାଳିତ ୧୬ ଏମପି+୨ଏମପି+୫ଏମପି ଟ୍ରିପଲ ରିୟର କ୍ୟାମେରା କ୍ୱାଡ ଫ୍ଲାସ ସହ ଅକ୍ଟୋ-କୋର ପ୍ରୋସେସର, ୪ଜିବି ରାମ, ୬୪ଜିବି ରମ୍ ଏବଂ ଆଣ୍ଡ୍ରଏଡ ୯ ଉପଲବ୍ଧ ରହିଛି । ଟ୍ରାନସିସନ ଇଣ୍ଡିଆର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅରିଜିତ ତଳପତ୍ର କହିଛନ୍ତି, 'ପ୍ରତ୍ୟେକ ଇଂଚ ପରେ ଆମେ ବଜେଟ ମୋବାଇଲ ବର୍ଗରେ ସକରାତ୍ମକ ରୁପରେ ବଜାରରେ ଭାଗନେଉଛୁ । ବଜାରରର ଗତିବିଧି ଲକ୍ଷ ରଖି ଓ ଯୁବ ବର୍ଗର ମୋବାଇଲ କିଣିବା ବେଳେ ଆବଶ୍ୟକତା ଓ ଚହିଦାକୁ ଅନୁଧ୍ୟାନ କରି ଆମେ ସୁଲଭ ମୁଲ୍ୟରେ ସର୍ବଶ୍ରେଷ୍ଠ ଫୋନ ଭାରତୀୟ ବଜାରକୁ ଆଣିଥାଉ । ଟେକ୍ନୋ କାମନ ୧୨ ଏୟାର ବର୍ତମାନର ସବୁଠାରୁ ସୁଲଭ ମୁଲ୍ୟରେ ଉପଲବ୍ଧ ଡଟଇନ ଡିସପ୍ଲେ ଫୋନ । ଏହି ପାର୍ବଣ ଋତୁରେ ଗ୍ରାହକ ମାନଙ୍କ ଦ୍ୱାରା ଏହା ଆଦୃତ ହୋଇ ବ୍ରାଣ୍ଡର ସ୍ଥିତିକୁ ଭାରତରେ ୧୦୦୦୦ ଟଙ୍କା ମଧ୍ୟରେ ସର୍ବଶ୍ରେଷ୍ଠ ୫ମ ସ୍ମାର୍ଟଫୋନ ବ୍ରାଣ୍ଡ ବନାଇବ ବୋଲି ଆଶା ।' ଟେକ୍ନୋ କାମନ ୧୨ ଏୟାର ୨୦:୯ ଅନୁପାତରେ ଉନ୍ନତ ଦୃଶ ଯୋଗାଇଦେବ । ଏହାର ଅଲଟ୍ରା ଥିନ ବେଜେଲସ, ଡଟଇନ ଡିସପ୍ଲେ ଏବଂ ୯୦.୩% ସ୍କ୍ରିନ ଟୁ ବଡି ଡିସପ୍ଲେ ଅନୁପାତ ଦ୍ୱାରା ଭିଡିଓ ଓ ଅଡିଓ ଅନୁଭବ ଅନନ୍ୟ ହୋଇପାରିବ । ଫୋନରେ ଏଚଡି+ ସ୍କ୍ରିନ ରିଜୋଲୁସନ ୭୨୦ଘ୧୬୦୦ ଦ୍ୱାରା ପ୍ରାକୃତିକ ରଙ୍ଗରୁ ଟେକ୍ସଟ ପଢିବା, ମଲଟିମିଡିଆ ଦେଖିବା ଆଦି ଅନୁଭବ ଜୀବ' ହୋଇପାରିବ ।ଅନ୍ୟାନ୍ୟ ସ୍ମାର୍ଟଫୋନ ରେ ବ୍ରାଇଟନେସ ୪୫୦ ନିଟସ ରହିଥିବା ବେଳେ କାମନ ୧୨ ଏୟାର ଡିସପ୍ଲେରେ ଏହା ୫୦୦ ନିଟସ ରହିଛି । ଏହା ଦ୍ୱାରା ଯେ କୌଣସି ଲାଇଟିଂ ପରିବେଶରେ ଏପରିକି ଦିବାଲୋକରେ ମଧ୍ୟ ଏହାକୁ ଦେଖିବାର କ୍ଷମତା ବଢାଇଥାଏ । ଏହି ଫୋନରେ ଅନନ୍ୟ ଇଂଟେଲିଜେଂଟ୍ ରିଡିଙ୍ଗ୍ ମୋଡ୍ ଏବଂ ଆଇ କେୟାର ବିଶେଷତ୍ୱ ପ୍ରଦାନ କରାଯାଇଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray